**ସଂକ୍ଷେପରେ**

## ପୋଖରୀ ହୁଡାରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର

ବୈପାରିଗୁଡା,୧୪।୨ (ଡି.ଏନ୍.ଏ.)- ରବିବାର ବୈପାରିଗୁଡାଠାରୁ ପ୍ରାୟ ୧ କିମି ଦୂର ଗାଗଡା ଗ୍ରାମ ନିକଟସ୍ଥ ଜମିରେ ଥିବା ଏକ ପୋଖରୀ ହୁଡାରୁ ଏକ ନବଜାତ ଶିଶୁର ମୃତଦେହ ଉଦ୍ଧାର ହୋଇଛି। ଖବର ପାଇ ବୈପାରିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଏକ ଅପମୃତ୍ୟ ମାମଲା (୧୦/୨୧) ରୁଜୁ ହୋଇ ତଦନ୍ତ ଚାଲିଛି। ଲୋକ ଲଜ୍ୟା ଭୟରେ କେହି ଶିଶୁଟିକୁ ହତ୍ୟା କରି ସେଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି।

## ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା

ଏମଭି ୭୯,୧୪।୨(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମଭି-୭୯ଠାରେ ରବିବାର ସ୍ଥାନୀୟ ଡ଼ ଶ୍ୟାମା ପ୍ରସାଦ ଉଚ୍ଚ ମାଧମିକ ବିଦ୍ୟାଳୟଠାରେ ପୁଲୱାମା ଘଟଣାରେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରେଣୀରେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧକ୍ଷ ଡ଼. ପ୍ରଶାନ୍ତ କୁମାର ପାଢୀ ସଭାପତିତ୍ୱ କରି ପୁଲୱାମା ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଷ୍ମନ୍ତ ଦାସ, ଡ଼. ମେଘନାଥ ବେହେରା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ବସନ୍ତ ବିଶ୍ୱାଳ, ଭାରତ ପଣ୍ଡା, ଲୋକନାଥ ମାହାକୁଡ୍ର, ରିକି ବାରିକ, ସୁଜିତ ଢ଼ାଲି, ଅଶୋକ ନାହକ ଏଥିରେ ସାମିଲ ହୋଇଥିଲେ।

## ସଡ଼କ ସୁରକ୍ଷା ସଚେତନତା

ସୁନାବେଡା,୧୪।୨(ସ୍ୱ.ପ୍ର.)-ସୁନାବେଡା ମିଗନଗରୀସ୍ଥିତ ଏଡିଏଭି ହାଇସ୍କୁଲର ଜୁନିୟର ରେଡ଼କ୍ରସ ୟୁନିଟ ପକ୍ଷରୁ ସଡ଼କ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନୋରଞ୍ଜନ ପ୍ରଧାନ ,ଜେଆରସି କାଉନସିଲର ଶାହେଦା ପରବିନ, ଶିକ୍ଷୟିତ୍ରୀ ଜୟନ୍ତୀ ବଳ ପ୍ରମୁଖ ଯୋଗଦେଇ ସଡକ ସୁରକ୍ଷାର ବିଭିନ୍ନ ନିୟମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇ ନିୟମ ମାନିବାକୁ ପରାମର୍ଶ ଦେଇଥିଲେ। ରେଡ଼କ୍ରସର ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ସଡକ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏନେଇ ହାଲ ବସଷ୍ଟାଣ୍ଡଠାରେ ଏକ ପଥପ୍ରାନ୍ତ ସଭା ହୋଇଥିଲା। ଚିତ୍ରକଳା ଶିକ୍ଷକ ତାପସ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପିଲାଙ୍କୁ ନିୟମିତ ବିଦ୍ୟାଳୟ ପଠାନ୍ତୁ: ଜିଲାପାଳ

ମାଲକାନଗିରି,୧୪।୨ (ଡି.ଏନ୍.ଏ.)- କମ୍‌ଦିନ ମଧ୍ୟରେ ଛାତ୍ରୀଛାତ୍ରମାନେ ନିଜକୁ ପ୍ରସ୍ତୁତ କରି ପରୀକ୍ଷା ଦେବେ। ଏ କ୍ଷେତ୍ରରେ ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗୁରୁଦାୟିତ୍ୱ ରହିଛି। ସେମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା ଲାଗି ଶନିବାର ମାଲକାନଗିରି ସଦରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏଥିରେ ଜିଲାପାଳ ୱାଇ ବିଜୟ ଯୋଗଦେଇ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ନିୟମିତ ବିଦ୍ୟାଳୟ ପଠାଇବା, ଶିକ୍ଷୟିତ୍ରୀ ଶିକ୍ଷକମାନେ କୋଭିଡ୍-୧୯ ନିୟମ ପାଳନ କରି ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ କୋଭିଡ୍ ଯୋଗୁ ଦୀର୍ଘ ୧୧ ମାସ ହେଲା ସମସ୍ତ ବିଦ୍ୟାଳୟ ବନ୍ଦ ଥିଲା। ଏବେ ସରକାର ଫେବୃୟାରୀରୁ ନବମ, ଦଶମ ଓ ଯୁକ୍ତ୨ ପ୍ରଥମ ଓ ଦ୍ୱିତୀୟବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଅନୁମତି ଦେଇଛନ୍ତି। ମାଲକାନଗିରି ଜିଲାରେ ମଧ ବିଦ୍ୟାଳୟଗୁଡିକ ଖୋଲିଛି। ଛାତ୍ରୀଛାତ୍ରମାନେ ଶିକ୍ଷାଗ୍ରହଣ କରୁଛନ୍ତି।

# ରାୟଗଡ଼ା ଡିଏଚ୍‌ଏଚ୍‌କୁ ମିଳିନି ଅଗ୍ନିଶମ ବିଭାଗ ଏନ୍‌ଓସି

ରାୟଗଡ଼ା ଅଫିସ,୧୪।୨



ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ।

- ନିରାପତ୍ତାକୁ ନେଇ ପ୍ରଶ୍ନବାଚୀ
- ଅଗ୍ନି ନିର୍ବାପକ ଯନ୍ତ୍ର ଅଛି, ଅପରେଟର ନାହାନ୍ତି
- ଅପରେଟର ନିଯୁକ୍ତ ହେଲେ ମିଳିବ ସାର୍ଟିଫିକେଟ

ରାଜ୍ୟରେ ଅନେକ ସରକାରୀ ଓ ବେସରକାରୀ ଡାକ୍ତରଖାନା ରହିଛି। ୨୪ ଘଣ୍ଟା ବିଭିନ୍ନ ମେଶିନ ବ୍ୟବହାର ହେଉଥିବାରୁ ବିଦ୍ୟୁତ ଶର୍ଟସର୍କିଟ କାରଣରୁ ବିଭିନ୍ନ ସମୟରେ ଅଗ୍ନିକାଣ୍ଡ ଘଟୁଛି। ହେଲେ ଅଗ୍ନି ନିରାପତ୍ତା ନିୟମକୁ ବେଖାତିର କରାଯାଉଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି। ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ରେ ମଧ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। ଏହି ଡାକ୍ତରଖାନା ପ୍ରତିଷ୍ଠା ହେବାର ୩୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ଏହାକୁ ଏ ପର୍ଯ୍ୟନ୍ତ ଅଗ୍ନିଶମ ବିଭାଗ ପକ୍ଷରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ(ଏନ୍‌ଓସି) ମିଳି ନ ଥିବା ଜଣାପଡ଼ିଛି।

ଧୀରେ ଧୀରେ ଜିଲା ମୁଖ୍ୟ ଚିକିତ୍ସାଳୟ ବଢ଼ିବାକୁ ଲାଗିଲାଣି। ଏହା ଉପରେ ଜିଲାର ୧୧ ବ୍ଲକ୍‌ର ରୋଗୀ ନିର୍ଭରଶୀଳ। ହେଲେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ପ୍ରତ୍ୟେକ ବର୍ଷ ଏଠାରେ ଅଗ୍ନିକାଣ୍ଡ ମୁକାବିଲା ଏବଂ ସତର୍କତା ନେଇ କେବଳ ମକ୍‌ଡ୍ରିଲ୍ କରାଯାଉଛି। ହେଲେ ଏତିକିରେ ହିଁ ସୁରକ୍ଷା ବ୍ୟବସ୍ଥା ସୀମିତ ରହିଯାଇଥିବାବେଳେ କୌଣସି ବଡ଼ ଦୁର୍ଘଟଣା ଘଟିଲେ ରୋଗୀଙ୍କ ଜୀବନ ବଞ୍ଚାଇବା କଷ୍ଟକର ହୋଇପଡ଼ିବ ବୋଲି ସଚେତନ ନାଗରିକ ଏବଂ ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି। ତେବେ ଜିଲା ମୁଖ୍ୟ ଚକିତ୍ସାଳୟ ହୋଇଥିଲେ ମଧ ଏହାକୁ ଏନ୍‌ଓସି ନ ମିଳିବା କାରଣ ନେଇ ସହକାରୀ ଅଗ୍ନିଶମ ଅଧିକାରୀ ସଂଗ୍ରାମ ହାଂସଦାଙ୍କୁ ପଚାରିବାରୁ ସେ କହିଛନ୍ତି, ନିଆଁ ଲାଗିଲେ ଏହାର ପରିଚାଳନା ନିମନ୍ତେ କେହି ନ ଥିବା ଯୋଗୁ ଡାକ୍ତରଖାନାକୁ ଏନ୍‌ଓସି ମିଳୁନାହିଁ। ନିଆଁ ଲିଭାଇବା ଏବଂ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର ଓ ପରିଚାଳନା ନିମନ୍ତେ କର୍ମଚାରୀଙ୍କୁ ନିଯୁକ୍ତି କରାଗଲେ ଏନ୍‌ଓସି ମିଳିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଜଣେ କିମ୍ବା ୨ ଜଣ ପ୍ରଶିକ୍ଷିତ ବ୍ୟକ୍ତି ହିଁ ଏହି ଯନ୍ତ୍ର ପରିଚାଳନା କରିପାରିବେ। ଡାକ୍ତରଖାନା ଝରକାଗୁଡ଼ିକରେ କାଚ ଲଗାଯାଇଛି। ସ୍ୱତନ୍ତ୍ର କର୍ମଚାରୀ ନ ରହିଲେ ଅଗ୍ନି ନିର୍ବାପକ ଯନ୍ତ୍ରଗୁଡ଼ିକ ପରିଚାଳନା ଅଭାବରୁ ସେମିତି ପଡ଼ିରହିବ ବୋଲି ସେ କହିଛନ୍ତି। ଶୁକ୍ରବାର ମଧ ବିଭାଗ ପକ୍ଷରୁ ଡାକ୍ତରଖାନାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ବିଷୟରେ ସଚେତନ କରାଯାଇଥିଲା। ଅଗ୍ନି ନିର୍ବାପକ ଯନ୍ତ୍ର, ପାଣି, ସ୍ୱତନ୍ତ୍ର ପମ୍ପ ରଖାଯାଇଛି। କୋରାପୁଟରୁ ଏକ ଟିମ୍ ଆସି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଅନୁଧ୍ୟାନ କରିବା ସହ ୨ଜଣ କର୍ମଚାରୀଙ୍କୁ ନିଯୁକ୍ତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ନିରାପତ୍ତା ବ୍ୟବସ୍ଥା ନେଇ ରାୟଗଡ଼ା ସିଡିଏମ୍‌ଓଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ବିଷୟରେ ମୁଁ ଅବଗତ ନାହିଁ। ଏହା ଏଡିଏମ୍‌ଓ ବୁଝୁଛନ୍ତି ବୋଲି ସେ କହିଛନ୍ତି। ସେହିପରି ଏଡିଏମ୍‌ଓ ଡା. ବରଦାକାନ୍ତ ମିଶ୍ର କହିଛନ୍ତି, ଆମେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବଂ କୋରାପୁଟ ଅଗ୍ନିଶମ ବିଭାଗକୁ ଅବଗତ କରିଛୁ। ଶୀଘ୍ର ଅପରେଟର ନିଯୁକ୍ତ ହେଲେ ଏନ୍‌ଓସି ମିଳିବ ବୋଲି ସେ କହିଛନ୍ତି।

# ସମରାଙ୍କୁ ସହାୟତାର ହାତ ବଢ଼ାଇଲା ପ୍ରଶାସନ

ବୈପାରିଗୁଡା,୧୪।୨ (ଡି.ଏନ୍.ଏ.)

- ଧରିତ୍ରୀ ପ୍ରଭାବ
- ଶହେଟଙ୍କା ଯୋଗାଡ଼ କରି ନ ପାରି ଚାଲିଲେ ଶହେକିମି

ଆର୍ଥିକ ଅନଟନର ଶିକାର ହୋଇ ଯନ୍ତ୍ରଣାଦାୟକ ଜୀବନ ବିତାଉଥିବା ମାଲକାନଗିରି ଜିଲା ଅନ୍ତର୍ଗତ ବାଲିମେଲା ବାସିନ୍ଦା ସମରା ଖରା(୪୫)ଙ୍କୁ ଜିଲା ପ୍ରଶାସନ ସହାୟତାର ହାତ ବଢାଇଛି । ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଭିନ୍ନକ୍ଷମ ପ୍ରମାଣପତ୍ର ତାଙ୍କୁ ଦେବା ବ୍ୟବସ୍ଥା ହେଉଛି। ପ୍ରଶାସନ ପକ୍ଷରୁ ତାଙ୍କର ଆଧରକାର୍ଡ କରାଯାଇଛି। ଆବାସ ଯୋଜନାରେ ଘର, ରାଶନକାର୍ଡ ତାଙ୍କୁ ଯୋଗାଇ ଦେବାକୁ ପଦକ୍ଷେପ ନିଆଯାଉଛି ବୋଲି ବାଲିମେଳା ଏନ୍‌ଏସି ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ ସୂଚନା ଦେଇଛନ୍ତି। ସମରାଙ୍କ ସମ୍ପର୍କରେ ୧୦ ତାରିଖ ଧରିତ୍ରୀରେ ‘ଶହେ ଟଙ୍କା ଯୋଗାଡ କରି ନ ପାରି ଚାଲିଲେ ଶହେ କିମି’ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ଶହୀଦ ଲକ୍ଷ୍ମଣ ନାୟକ ଟୁଇଟ୍ କ୍ଲବର ଜଣେ ସଦସ୍ୟ ତଥା ସାମାଜିକ କର୍ମୀ ଜଗନ୍ନାଥ ନାୟକ ମାଲକାନଗିରି ଜିଲାପାଳଙ୍କୁ ଟୁଇଟ୍ କରି ଜଣାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ସମରାଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାଲାଗି ବ୍ୟବସ୍ଥା କରାଯାଉଛି। ଜୟପୁରଠାରୁ ବାଲିମେଳା ପର୍ଯ୍ୟନ୍ତ ବସଭଡ଼ା ଶହେ ଟଙ୍କା ଦେବାରେ ଅକ୍ଷମ ହୋଇ ସେ ଚାଲିଚାଲି ଆସିଥିବା ନେଇ ଏଥିରେ ପ୍ରକାଶ ପାଇଥିଲା । ଏଠାରେ କିଛି ସହୃଦୟ ବ୍ୟକ୍ତି ତାଙ୍କୁ ବସ୍‌ଭଡା ଦେଇ ବାଲିମେଳା ପଠାଇଥିଲେ । ସ୍ତ୍ରୀ ଓ ପିଲାଙ୍କୁ ହରାଇବା ପରେ ସମରା କିଛିବର୍ଷ ଗୋବିନ୍ଦପାଲିର ଏକ ହୋଟେଲରେ କାମ କରୁଥିଲେ। ଦିନରାତି କାମ କରି ତାଙ୍କୁ ଏଠାରୁ ମଜୁରି ମିଳୁଥିଲା ମାତ୍ର ୧୨୦ ଟଙ୍କା। ପରିବା ବ୍ୟବସାୟ କରିବାକୁ ନିଷ୍ପତ୍ତି ନେଇ ସେ ଜୟପୁରରେ ସାଇକେଲ ମରାମତି ଦୋକାନ ଦେଇଥିବା ତାଙ୍କ ଭାଇଙ୍କ ନିକଟକୁ ଯାଇ ସହାୟତା ମାଗିଥିଲେ। ମାତ୍ର ଭାଇ ତାଙ୍କୁ କିଛି ସହାୟତା କରିପାରି ନ ଥିଲେ। ଭାଇଙ୍କ ଉପରେ ବୋଝ ନ ହେବାକୁ ଗାଁ ବାଲିମେଳାକୁ ଫେରିଯିବାକୁ ଚାହିଁଥିଲେ। ଜୟପୁରରୁ ବାଲିମେଳା ବସ୍‌ଭଡା ୧୨୦ ଟଙ୍କା। ସମରାଙ୍କ ନିକଟରେ ଭାଇ ଦେଇଥିବା ୫୦ ଟଙ୍କା ଥିଲା। ଏହି ଟଙ୍କାରେ ବାଲିମେଳା ଯିବା ସମ୍ଭବ ନ ହେବାରୁ ସେ ଚାଲିଚାଲି ବାଲିମେଳା ଯିବାକୁ ବାହାରିଥିଲେ। ଚାଲିଚାଲି ତାଙ୍କ ପାଦ ଫୁଲିଯିବାରୁ ଆଉ ଚପଲ ପିନ୍ଧିପାରୁ ନ ଥିଲେ। ଥକିପଡି ବୈପାରିଗୁଡା ନିକଟସ୍ଥ ଗୌଡଗୁଡା ଛକଠାରେ ରାତିସାରା ବସି ରହିଥିଲେ। ତାଙ୍କୁ ଦେଖି କେତେଜଣ ସହୃଦୟ ବ୍ୟକ୍ତି ପଚରାଉଚରା କରି ବସ୍‌ଭଡା ଦେଇ ବାଲିମେଳା ପଠାଇଥିଲେ।

# ଶିରିଝୋଲି ସ୍କୁଲରେ ତାଲା ଠୁଙ୍କିଲେ ଗ୍ରାମବାସୀ

ଗୁଣପୁର,୧୪।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଶିରିଝୋଲି ହାଇସ୍କୁଲର ଶିକ୍ଷୟିତ୍ରୀ ରୀତାରାଣୀ ଦାସଙ୍କ ବଦଳି ନିର୍ଦ୍ଦେଶକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦ କରି ରବିବାର ଗାଁ ଲୋକେ ଏବଂ ସ୍କୁଲ କମିଟି ସ୍କୁଲରେ ତାଲା ଠୁଙ୍କିଛନ୍ତି। ଫଳରେ ୧୦ମ ଶ୍ରେଣୀ ପିଲାଙ୍କ ପାଠପଢ଼ା ବନ୍ଦ ହୋଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ହେଲା, ରୀତାରାଣୀ ଏହି ସ୍କୁଲରେ କାର୍ଯ୍ୟରତ ଥିବାବେଳେ ଜଗନ୍ନାଥପୁର ହାଇସ୍କୁଲର ଶିକ୍ଷୟିତ୍ରୀ ସୋନାଲିସୁନା ସେଠୀଙ୍କୁ ଶିରିଝୋଲି ବଦଳି ହୋଇଛି। ରୀତାରାଣୀଙ୍କ ଶିକ୍ଷାଦାନରେ ଛାତ୍ରୀଛାତ୍ର ଏବଂ ଅଭିଭାବକ ଖୁସିଥିଲେ। ତେଣୁ ତାଙ୍କୁ ଏଠାରୁ କାହିଁକି ବଦଳି କରାଗଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି।


ସ୍କୁଲ ସମ୍ମୁଖରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଶିକ୍ଷୟିତ୍ରୀ ବଦଳିର ପ୍ରତିବାଦ**

ଶିକ୍ଷା ବିଭାଗ ଶୀଘ୍ର ଏହି ନିର୍ଦ୍ଦେଶ ପ୍ରତ୍ୟାହାର କରିବା ନିମନ୍ତେ ସେମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେବା ଯାଏ ସ୍କୁଲରେ ତାଲା ଝୁଲିବ ବୋଲି ଚେତାବନୀ ଦେଇଛନ୍ତି। ସ୍କୁଲ କମିଟି ସଭାପତି ଟୁନା ଗୌଡ଼, ୱାର୍ଡ ସଭ୍ୟ କେ. ପାର୍ବତୀଙ୍କ ସମେତ ସନ୍ତୋଷ ଗୌଡ଼, ଜାମିସରିଆ ରାଓ, ସୁଶାନ୍ତ ପଣ୍ଡା, ଶୁସିଳା ଗୌଡ଼ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ରହି ସ୍କୁଲରେ ତାଲା ପକାଇବା ସହ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ୬୩୦ କେ.ଜି. ଗଞ୍ଜେଇ ଜବତ, ୪ ଗିରଫ

ରାୟଗଡ଼ା ଅଫିସ/ମୁନିଗୁଡ଼ା, ୧୪।୨(ଡି.ଏନ୍.ଏ.)– ରାୟଗଡ଼ା ଜିଲା ଚନ୍ଦ୍ରପୁର ଥାନା ପୋଲିସ ଶନିବାର ୨ ଗ୍ରାମରୁ ୬୩୦ କେ.ଜି. ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ମୁନିଗୁଡ଼ା ଇନ୍ଦିରାପଡ଼ାସ୍ଥିତ ଏକ ଭଡ଼ାଘରେ ରହୁଥିବା ବାପପୁଅ ଗଞ୍ଜେଇ କାରବାର କରୁଥିବା ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ ସୂଚନା ପାଇଥିଲେ। ପୋଲିସ ସେଠାରେ ଚଢ଼ାଉ କରି ୫୯୦ କେ.ଜି. ଗଞ୍ଜେଇ ଜବତ କରିବା ସହ ଦୁହିଁଙ୍କୁ ଗିରଫ କରିଛି। ସେମାନେ ହେଲେ ଧୂଳି ବିଭାର(୬୨) ଏବଂ ପୁଅ କବିରାଜ(୨୯)। ଏମାନଙ୍କ ଘର ଚନ୍ଦ୍ରପୁର ବ୍ଲକ୍ ଗେରେଙ୍ଗାଗୁଡ଼ା ନିକଟ ମଟନକୁପୁଡ଼ା ଗ୍ରାମରେ। ସେହିପରି ଗଞ୍ଜେଇ କାରବାରରେ ସମ୍ପୃକ୍ତ ଅନ୍ୟ ୨ଜଣ ଅନନ୍ତ ଟାଙ୍ଗରଙ୍ଗା(୨୨) ଏବଂ ସୁନିଲ ବୀର(୨୭)ଙ୍କୁ ମଧ ପୋଲିସ ଗିରଫ କରିଛି। ଏ ଦୁହିଁଙ୍କ ଘର ମଧ ଚନ୍ଦ୍ରପୁର ବ୍ଲକ୍ ଅଞ୍ଚଳରେ। ଏମାନଙ୍କ ନିକଟରୁ ୪୦ କେ.ଜି. ଗଞ୍ଜେଇ ଜବତ ହୋଇଛି। ଏ ନେଇ ଚନ୍ଦ୍ରପୁର ଥାନାରେ ୭/୨୧ ଏବଂ ୮/୨୧ରେ ଦୁଇଟି ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ରବିବାର ସୂଚନା ଦେଇଛନ୍ତି। ତେବେ ଏହି ଅଞ୍ଚଳରୁ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ଚାଲିଥିବାବେଳେ ଏହି କାରବାରର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଜାଲ ବିଛାଇଥିବା ସୂଚନା ମିଳିଛି।

# ପୋଷଣ, ପରିବେଶ ସୁରକ୍ଷା ସଚେତନତା ତାଲିମ


ତାଲିମ ନେଉଥିବା ଆଶା, ଅଙ୍ଗନୱାଡ଼ି କର୍ମୀ ଓ ଅନ୍ୟମାନେ।

ନବରଙ୍ଗପୁର,୧୪।୨(ବି. ପ୍ର.)–

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିନିଯୋଗରେ ନବରଙ୍ଗପୁର ଜିଲାର ସାମାଜିକ ଓ ଆର୍ଥିକ ଉନ୍ନତି ପ୍ରକଳ୍ପ ଅଧୀନରେ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର ଭୁବନେଶ୍ୱର ତରଫରୁ ନବରଙ୍ଗପୁର ଓ ପାପଡ଼ାହାଣ୍ଡି ବ୍ଲକ୍‌ରେ ସ୍ୱାସ୍ଥ୍ୟ, ପୋଷଣ ଓ ପରିବେଶ ସୁରକ୍ଷା ନେଇ ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଶା, ଅଙ୍ଗନୱାଡି କର୍ମୀ, ୱାଡମେମ୍ବର, ସରପଞ୍ଚ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କୁ ନେଇ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାପଡ଼ାହାଣ୍ଡି ବ୍ଲକ୍‌ର ଚୋରମୂଳା ଗୋପିଗୁଡ଼ା ଓ ନବରଙ୍ଗପୁର ବ୍ଲକ୍‌ର ମାଲେକୋଟ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ରକ୍ତହୀନତାର କାରଣ ଓ ନିରାକରଣ, ଜୀବସାର ଓ ଖଣିଜ ଲବଣ, ଶ୍ୱେତସାର, ପୁଷ୍ଟିସାରର ଆବଶ୍ୟକତା ବିଷୟରେ ବିଶେଷ ତାଲିମ ଦେଇଥିଲେ। ଏହା ବ୍ୟତୀତ ପରିବେଶ ସ୍ୱଚ୍ଛତା ସହ ରୋଗ ନିରାକରଣ ନେଇ ତାଲିମ ଦେଇଥିଲେ। ଭୂତାଣୁ ଜନିତ ରୋଗ ଏବଂ ପ୍ରତିକାର ସମ୍ପର୍କରେ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ପ୍ରକାଶ କୁମାର ସାହୁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରକାଶ ସାହୁ ଓ ଅବିନାଶ ଦାଶ ପରିଚାଳନା କରିଥିଲେ। ଏଥିରେ ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଦିନେଶ ପ୍ରହରାଜ, ଅର୍ଦ୍ଧେନ୍ଦୁ ପ୍ରହରାଜ, ପ୍ରମିତା ଶତପଥୀ, ମାନସ ରଞ୍ଜନ କଟା, ଦିଲୀପ ବସନ୍ତରାୟ ତାଲିମ ଦେଇଥିଲେ।

# ଇଗ୍ନୋ ପାଠ୍ୟକ୍ରମ ଏକ ସମୟ ଉପଯୋଗୀ ଶିକ୍ଷା

କୋରାପୁଟ ,୧୪।୨ (ସ୍ୱ.ପ୍ର.)

କୋରାପୁଟ କୋଟସସ୍ଥିତ ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତବିଶ୍ୱବିଦ୍ୟାଳୟ ପାଠକେନ୍ଦ୍ରର ନୂତନ ଛାତ୍ରୀଛାତ୍ରଙ୍କ ଅଧିଗ୍ରହଣ ଉତ୍ସବ ରବିବାର କୋଟସ ସେମିନାର ହଲରେ ଅନୁଷ୍ଠିତ ହୋଇଯାଇଛି। କୋଟସର ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଇଗ୍ନୋ ପାଠ୍ୟକ୍ରମକୁ ଏକ ସମୟ ଉପଯୋଗୀ ଶିକ୍ଷା ବ୍ୟବସ୍ଥା ବୋଲି ଅଭିହିତ କରିଥିଲେ। ଏହାଦ୍ୱାରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପିଲାମାନେ ଉଚ୍ଚଶିକ୍ଷା ଲାଭ କରିପାରିବେ ବୋଲି କହିଥିଲେ । ଇଗ୍ନୋ ଆଞ୍ଚଳିକ କେନ୍ଦ୍ରର ଉପନିର୍ଦ୍ଦେଶକ ଡ. ବଂଶୀଧର ବାରିକ ମୁଖ୍ୟବକ୍ତା, ସେମିଳିଗୁଡା କଲେଜ ପ୍ରାଧାପିକା ଝାନସି ସିଂ ସମ୍ମାନିତ ଅତିଥିଭାବେ ଭାବେ ଯୋଗଦେଇ ଇଗ୍ନୋର ଗୁଣାତ୍ମକ ପାଠ୍ୟ ଖସଡା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ନାରାୟଣ ପଣ୍ଡା, ଡ. ଜଗବନ୍ଧୁ ସାମଲ, ଡ. କାର୍ତ୍ତିକ ଚରଣ ଲେଙ୍କା, ଅବନି ମହାରଣା, ପ୍ରସନ୍ନ କୁମାର ପଣ୍ଡା, ସନ୍ତୋଷୀ କୁମାର ପଣ୍ଡା, ଅଶୋକ କୁମାର ନନ୍ଦ ଉମାକାନ୍ତ ଦାସ, ନିଳାଦ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସଂଯୋଜକ ଅଧ୍ୟାପକ ଗୋପୀନାଥ ପ୍ରଧାନ ବିବରଣୀ ପାଠ କରିବା କରିଥିଲେ। ଡ. ନରେନ୍ଦ୍ର କୁମାର ରଥ ଧନ୍ୟବାଦ ଦେଇଥିଲେ ।



ଉତ୍ସବରେ ଉପସ୍ଥିତ ଅତିଥି।

**ନୂତନ ଛାତ୍ରୀଛାତ୍ରଙ୍କ ଅଧିଗ୍ରହଣ ଉତ୍ସବ**

# ଅଗ୍ନି ନିୟନ୍ତ୍ରଣ, ନିରାକରଣ ନେଇ ସଚେତନତା କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୧୪।୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବନାଞ୍ଚଳ ଆନୁକୂଲ୍ୟରେ ସ୍ଥାନୀୟ କେନ୍ଦ୍ରୀୟ ନର୍ସରୀ ଠାରେ ଅଗ୍ନି ନିୟନ୍ତ୍ରଣ ଓ ନିରାକରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମସ୍ତ ବନପାଳ,ବନରକ୍ଷୀ ଓ ବନ ସଂରକ୍ଷଣ ସମିତି ସଭାପତିମାନେ ଉପସ୍ଥିତ ଥିଲେ। ଚିତ୍ରକୋଣ୍ଡା ବ୍ଲକ ତଥା ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲରେ ନିଆଁ ଯେପରି ନ ଲାଗିବ ସେଥିପ୍ରତି ସଜାଗ ରହିବା ଏବଂ ନିଆଁକୁ କିପରି ରୋକାଯାଇ ନିୟନ୍ତ୍ରଣ କରାଯାଇପାରିବ ସେସମ୍ପର୍କରେ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କୁ ସଚେତନ କରାଯାଇଥିଲା । ସେହିପରି ଚିତ୍ରକୋଣ୍ଡା ବନାଞ୍ଚଳ ଅଧୀନ ପଲ୍ଲିଗୁଡ଼ା ବନ ସଂରକ୍ଷଣ ସମିତି ଓ ରାଲେଗାଡା ପଞ୍ଚାୟତର ଟେକପଦର ବନସଂରକ୍ଷଣ ସମିତିରେ ମଧ ଏପରି ସଚେତନତା କାର୍ଯ୍ୟକ୍ରମ କରାଯାଇଛି।

# ଦାତନୁଗୁଡ଼ା ଗ୍ରାମରେ ମୋ ଚାଟଶାଳୀ ଅଭିଯାନ

ଚିତ୍ରକୋଣ୍ଡା,୧୪।୨(ଡି.ଏନ.ଏ.)

ମାଲକାନଗିରି ଜିଲା ଶ୍ରମଜୀବୀ ସଙ୍ଗଠନ ପକ୍ଷରୁ ଚିତ୍ରକୋଣ୍ଡା ବ୍ଲକର ଦୋରାଗୁଡ଼ା ପଞ୍ଚାୟତର ଦାତନୁଗୁଡ଼ା ଗ୍ରାମରେ ଶନିବାର ମୋ ଚାଟଶାଳୀ ଅଭିଯାନର ଶୁଭାରମ୍ଭ ହୋଇଛି। ଟିଙ୍ଗୁ ହନ୍ତାଳ ଏହାକୁ ଉଦ୍‌ଘାଟନ କରିଛନ୍ତି। କରୋନା ମହାମାରୀ ଯୋଗୁ ପ୍ରାୟ ବର୍ଷେ ହେବ ପିଲାଙ୍କ ପାଠପଢା ବନ୍ଦ ରହିଛି। ଗ୍ରାମାଞ୍ଚଳରେ ପିଲାମାନେ ପାଠପଢାରେ ପଛେଇ ଯାଇଛନ୍ତି। ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣି ଗ୍ରାମାଞ୍ଚଳ ପିଲାଙ୍କୁ ଏ କ୍ଷେତ୍ରରେ ଆଗେଇ ନେବା ଲାଗି ଚିତ୍ରକୋଣ୍ଡା ବ୍ଲକ ସଙ୍ଗଠନ ପକ୍ଷରୁ ମୋ ଚାଟଶାଳୀ କେନ୍ଦ୍ର ଖୋଲାଯାଇଛି। ଏପରି ୧୫ଟି କେନ୍ଦ୍ର ଖୋଲାଯାଇଛି। ଶିକ୍ଷାରେ ଦୁର୍ବଳ ଥିବା ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଦେଇ ସେମାନଙ୍କୁ ସମାନ ସ୍ତରକୁ ଆଣିବା, ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଯେପରି କୌଣସି ତାରତମ୍ୟ ନ ରହିବ ସେଥିପାଇଁ ଗୁରୁତ୍ୱ ଦେବା ଲକ୍ଷ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଛି। ରାଜ୍ୟର ୧୭ଟି ଆଦିବାସୀ ଓ ପଛୁଆ ଜିଲାର ୧ ଲକ୍ଷ ଛାତ୍ରୀଛାତ୍ର ଉପକୃତ ହେବା ନେଇ ଏହି ଅଭିଯାନରେ ଲକ୍ଷ୍ୟ ରଖାଯାଇଛି। ଏନେଇ ରାଜ୍ୟରେ ୭୫୦୦ ଚାଟଶାଳୀ କେନ୍ଦ୍ର ଖୋଲାଯାଇ ୧୫ହଜାରରୁ ଉର୍ଦ୍ଧ୍ୱ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ଉଦ୍‌ଘାଟନ ଅବସରରେ ସଙ୍ଗଠନର ଟିଙ୍ଗୁ ହନ୍ତାଳ, ମସିହା ପାଙ୍ଗି, ରାମ ଖେମୁଡୁ, ମଦନ ହନ୍ତାଳ ଦଇତା ଖେମୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ଦୋରାଗୁଡ଼ା ପଞ୍ଚାୟତର ଗଉଡ଼ଗୁଡ଼ା ଗ୍ରାମରେ ମଧ ଅଭିମନ୍ୟୁ ଶୁକ୍ରିଙ୍କ ଦ୍ୱାରା ମୋ ଚାଟଶାଳୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।


ଦାତନୁଗୁଡ଼ା ଗ୍ରାମରେ ଆରମ୍ଭ ହୋଇଥିବା ମୋ ଚାଟଶାଳୀ।

# ମାଛ ଯାଆଁଳ ବନ୍ଧରେ ଚାଲିଛି ପରିବା ଚାଷ

ତେନ୍ତୁଲିଖୁଣ୍ଟି,୧୪।୨(ଡି.ଏନ୍.ଏ.)


ଯାଆଁଳ ବନ୍ଧରେ କରାଯାଇଥିବା ପରିବା ଚାଷ।

- ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ମାଛ ଚାଷ ଯୋଜନା ହୋଇଥିଲା
- ୧୫ ବନ୍ଧରୁ ୧୧ଟିରେ ପାଣି ନାହିଁ

ଲୋକଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ନିମନ୍ତେ ସରକାର ଅନେକ ଯୋଜନା କରିଛନ୍ତି। ହେଲେ ସରକାରୀ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଲୋକଙ୍କୁ ନିରାଶ କରୁଛି। ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଅଧୀନ କପୁର ଜଳ ଭଣ୍ଡାର ତଳ ଭାଗରେ ମତ୍ସ୍ୟ ବିଭାଗ ପକ୍ଷରୁ ମାଛ ଯାଆଁଳ ପ୍ରସ୍ତୁତ ପାଇଁ ୧୫ଟି ବନ୍ଧ ତିଆରି କରାଯାଇଛି। ୬୦ଜଣିଆ କମିଟି ଗଠନ କରାଯାଇ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ମାଛ ଚାଷ କରି ଅଞ୍ଚଳର ବିକାଶ ପାଇଁ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ହେଲେ ଏହାର ବାସ୍ତବ ଚିତ୍ର ଅଲଗା ଦେଖିବାକୁ ମିଳୁଛି। ଏହି ୧୫ ବନ୍ଧ ମଧ୍ୟରୁ ୪ଟି ବନ୍ଧରେ ପାଣି ଅଛି। ବଳକା ବନ୍ଧ ଗୁଡ଼ିକରେ ଟୋପାଏ ପାଣି ନ ଥିବାବେଳେ ବନ୍ଧ ଭିତରେ ପରିବା ଚାଷ କରାଯାଇଛି। ଗୋଟିଏ ବନ୍ଧ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ସେଠାରେ କାମ କରୁଥିବା ବ୍ୟକ୍ତିଙ୍କୁ ପାରିଶ୍ରମିକ ମିଳୁ ନ ଥିବାରୁ ସେହି କାମ ମଧ ଅଧାରେ ବନ୍ଦ ରହିଛି। ସ୍ଥାନୀୟ ଲୋକଙ୍କ କହିବା ହେଲା, କେନ୍ଦ୍ର ସରକାରଙ୍କ ସ୍ୱୀକୃତିପ୍ରାପ୍ତ ସିପ୍ରା(ଏସ୍‌ଆଇଏପିଆର୍‌ଏ) ସଂସ୍ଥା ଏହି କାମ କରୁଥିବାବେଳେ କେତେ ଟଙ୍କାର କାମ ଚାଲିଛି, ସେ ନେଇ କୌଣସି ସୂଚନା ଫଳକ ନାହିଁ। ଏ ବିଷୟରେ ଶ୍ରୀପର ବେସରକାରୀ ସଂସ୍ଥା ମୁଖ୍ୟଙ୍କୁ ପଚାରିବାରୁ ସେ କହିଛନ୍ତି, ଫଳକ ତିଆରି କରିବାକୁ ଦିଆଯାଇଛି। ଏ ବିଷୟରେ ଜିଲା ମତ୍ସ୍ୟ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ସେ କହିଥିଲେ। ତେବେ ଜିଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇନାହିଁ। ସେହିପରି ତେନ୍ତୁଲିଖୁଣ୍ଟି ବ୍ଲକ୍ ଦାୟିତ୍ୱରେ ଥିବା ମତ୍ସ୍ୟ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ୩ମାସ ହେଲା ଦାୟିତ୍ୱ ନେଇଥିବା କହିଥିଲେ। ମଧୂର ଜଳ ନିଷ୍କାସନ ଡିପି ବୋର୍‌ୱେଲ ହୋଇନାହିଁ। ହେଲେ ଏହାର ତଦନ୍ତ ପାଇଁ ଏଠାରେ କେହି ନାହାନ୍ତି। ମାଛ ଯାଆଁଳ ପ୍ରସ୍ତୁତରେ ବିଭାଗ ପକ୍ଷରୁ ଦୁର୍ନୀତି କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ଟ୍ୟାଙ୍କର ଓଲଟି ଚାଳକ ଗୁରୁତର

ମୁନିଗୁଡ଼ା,(ଡି.ଏନ୍.ଏ.)-ବିଶାଖାପାଟଣାରୁ ଲାଞ୍ଜିଗଡ଼ ଅଭିମୁଖେ ଯାଉଥିବା ଏକ ଟ୍ୟାଙ୍କର ରବିବାର ରାୟଗଡ଼ା ଜିଲା ମୁନିଗୁଡ଼ା ନିକଟ ମଶାଣି ନାଳ ନିକଟରେ ଓଲଟିପଡ଼ିଛି। ଏଥିରେ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ମହମ୍ମଦ ହବିବ୍। ସେହି ରାସ୍ତାରେ ଯାଉଥିବା ଜଣେ ଅଟୋ ଚାଳକ ତାଙ୍କୁ ଟ୍ୟାଙ୍କର ମଧ୍ୟରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଘଟଣାରୁ ପ୍ରକାଶ, ଟ୍ୟାଙ୍କରଟି ଲାଞ୍ଜିଗଡ଼ ଯିବାବେଳେ ସାମ୍ନାପଟରୁ ହଠାତ ଦୁଇ ବାଇକ୍ ଆସିବା ଫଳରେ ଗଡ଼ାଣିଆ ରାସ୍ତାରେ ଟ୍ୟାଙ୍କରଟି ଦ୍ରୁତଗତିରେ ଥିବାରୁ ଭାରସାମ୍ୟ ହରାଇ ନାଳ ନିକଟକୁ ଓଲଟି ପଡ଼ିଥିଲା। ଅନ୍ୟପକ୍ଷରେ ଦୁଇ ବାଇକ୍ ଚାଳକ ନାଳ ପାର୍ଶ୍ୱକୁ ଡେଇଁପଡ଼ିବା ଯୋଗୁ ଜୀବନ ବଞ୍ଚିଯାଇଛି। ଦୁର୍ଘଟଣା ଯୋଗୁ ଏହି ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ, ଥାନାଧିକାରୀ ସୁଜ୍ଞାନୀ ସାହୁ ଟିମ୍ ସହ ପହଞ୍ଚି ଗାଡ଼ି ଚଳାଚଳ ସ୍ୱାଭାବିକ କରାଇଛନ୍ତି।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ

ଜୟପୁର ୧୪।୨ (ନି ପ୍ର) ଜୟପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଦେଶୀ ମଦ ପ୍ରସ୍ତୁତି ଚାଲିଥିବା ଖବର ରଖି ବ୍ରହ୍ମପୁରରୁ ଆସିଥିବା ଅବକାରୀ ଟିମ୍ ଓ ଜୟପୁର ଅବକାରୀ ବିଭାଗ ସହ ମିଶି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ମଦ ଭାଟି ଭାଙ୍ଗିଥିଲେ। ଜୟପୁର ବ୍ଲକ ଗଡପଦର ପଞ୍ଚାୟତ ନିଳାଗୁଡାରେ ସେମାନେ ଏହି ଧରପଗଡ କରିଥିଲେ। ଚଢ଼ାଉ ଟିମକୁ ଦେଖି ମଦ ରାନ୍ଧୁଥିବା ବ୍ୟକ୍ତିମାନେ ଫେରାର ହୋଇଯାଇଥିଲେ। ଏହି ଟିମ୍ ୧୧ ଟି ମଦ ଭାଟି ଭାଙ୍ଗିବା ସହ ୨ ହଜାର ୭ ଶହ ଲିଟର ପୋଚ ଏବଂ ୨୭୦ ଲିଟର ମଦ ସହ ରନ୍ଧା ସାମଗ୍ରୀ ନଷ୍ଟ କରିଛନ୍ତି। ମଦ ରନ୍ଧା ସାମଗ୍ରୀ ଜବତ ହୋଇଛି। ଚଢ଼ାଉରେ ବିମ୍ବାଧର ପଣ୍ଡା, ଅନ୍ତର୍ଯ୍ୟାମି ସାହୁ, ତରୁଣ କୁମାର ପାତ୍ରଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

### ସହାୟତା ଅପେକ୍ଷାରେ କୋକିଳ

କୋରୁକୋଣ୍ଡା,୧୪।୨(ଡି.ଏନ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକର ନିଳାକାମ୍ବେରୁ ପଞ୍ଚାୟତର ଶ୍ମଶାନ ନିକଟସ୍ଥ ଏକ କୁଡ଼ିଆ ଘରେ ପୁଅବୋହୂଙ୍କ ସହ ରହୁଥିଲେ କୋକିଳ ଦେଉ (୭୫)। ଦୁଃଖସୁଖରେ ତାଙ୍କ ସଂସାର ଚାଲିଥିଲା। ମାତ୍ର ୩ ବର୍ଷ ହେଲା ତାଙ୍କ ପରିବାରକୁ ଦୁଃଖ ମାଡିଆସିଛି। କୌଣସି ଏକ ମାମଲାରେ ପୁଅ ଜଗନ୍ନାଥ ଦେଉ ଓ ନାତି ଘନଶ୍ୟାମ ଦେଉ ଜେଲ ଯିବା ପରେ ଏହି ପରିବାର ଅସହାୟ ହୋଇପଡିଛନ୍ତି। ବାର୍ଦ୍ଧକ୍ୟରେ ସନ୍ତାନଙ୍କ ଅନୁପସ୍ଥିତି ଖୁବ ଭାଙ୍ଗି ଦେଇଛି କୋକିଳଙ୍କୁ। ଏଠାରେ ୪୦ ବର୍ଷ ଧରି ବସବାସ କରୁଥିବା କୋକିଳଙ୍କୁ ଏଯାଏ ବାସୋପଯୋଗୀ ଘରଟିଏ କି ଚାଷୋପଯୋଗୀ ଜମି ଖଣ୍ଡେ ମିଳିପାରିନାହିଁ ତାଙ୍କୁ। ଏ ନେଇ ସେ ପଞ୍ଚାୟତର ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କିଛି ସୁଫଳ ମିଳିନାହିଁ। ତାଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯେ ନିଶ୍ଚିତ ମିଳିବ ଏହି ଆଶାରେ ରହିଛନ୍ତି ସେ।

### ନବଜାତ ସନ୍ତାନଙ୍କୁ ସ୍ତନ୍ୟପାନ ସମ୍ପର୍କିତ କର୍ମଶାଳା

କାଲିମେଲା, ୧୪।୨(ଡି.ଏନ.ଏ.) ମାଲକାନଗିରି ଜିଲା କାଲିମେଲା ବ୍ଲକ୍ ଆଇସିଡିଏସ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ୍ ସଭା ଗୃହରେ ନବଜାତ ଶିଶୁ ମାନଙ୍କ ସ୍ତନ୍ୟପାନ ପର୍ଯ୍ୟବେକ୍ଷଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ସିଡିପିଓ ରାଜଶ୍ରୀ ପଟ୍ଟନାୟକ,କାଲିମେଲା ସିଡିପିଓ ସନ୍ଧାରାଣୀ ନାୟକ, ଟ୍ରେନର ଶାନ୍ତି କୁମାରୀ କରସୁଧା ପଟ୍ଟନାୟକ ଶିବିର ପରିଚାଳନା କରିଥିଲେ। ଏଥିରେ କାଲିମେଲା ୧୧ଟି ସେକ୍ଟରୁ ୧୧ ଜଣ, ମାଲକାନଗିରିର ୧୦ଟି ସେକ୍ଟରରୁ ୧୦ଜଣ, ପଡିଆ ବ୍ଲକ୍ ୪ ସେକ୍ଟରୁ ୪ଜଣ ସୁପରଭାଇଜର, କାଲିମେଲା ଓ ପଡିଆ ସ୍ୱାସ୍ଥ୍ୟକେନ୍ଦ୍ର ରୁ ଜଣେ ଲେଖାଏ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ରହି ତାଲିମ ନେଇଥିଲେ।

# କୋଭିଡ୍ କଟକଣାରେ ବଂଶଧାରା ବସନ୍ତ ମହୋତ୍ସବ

ଗୁଣପୁର,୧୪।୨(ଡି.ଏନ୍.ଏ.)



ଉତ୍ସବରେ ଉପସ୍ଥିତ ନାରୀ ନେତ୍ରୀ ଶାନ୍ତି ଦେବୀ, ବିଧାୟକ, ଉପଜିଲାପାଳ ଓ ଅନ୍ୟମାନେ।

ରାୟଗଡ଼ା ଜିଲା ଗୁଣପୁର ହଳଦିଆନାଳ ପଡ଼ିଆଠାରେ ରବିବାର ସନ୍ଧ୍ୟାରେ ୯ମ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ହୋଇଥିବା ସାମାଜିକ କର୍ମୀ ତଥା ନାରୀ ନେତ୍ରୀ ଶାନ୍ତି ଦେବୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ନବ ନିର୍ମାଣ ସମିତିର ଅଧ୍ୟକ୍ଷ ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଉପଜିଲାପାଳ ସୋନାଲ୍ ଜେନା ଉପସ୍ଥିତ ଥିଲେ। ଏହି ଅବସରରେ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ 'ଆମେ ରାୟଗଡ଼ିଆ' ସିଡି ଉନ୍ମୋଚିତ ହୋଇଥିଲା। ସେହିପରି ଉଦ୍‌ଘାଟନୀ ଉତ୍ସବରେ ଶବିଶକ୍ତି ଗ୍ରୁପ୍ ପକ୍ଷରୁ ଅର୍କେଷ୍ଟ୍ରା ଏବଂ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଅଞ୍ଚଳବାସୀଙ୍କ ମନ ମୋହିଥିଲା। ସମ୍ପାଦକ ରଞ୍ଜିତ ପାଢ଼ୀ

### ମନମୋହିଲା ସ୍ଥାନୀୟ କଳାକାରଙ୍କ ନୃତ୍ୟ

ବିବରଣୀ ପାଠ କରିଥିବାବେଳେ ଇନ୍ଦିରା ଅଧିକାରୀ ଧନ୍ୟବାଦ ଦେଇଥିଲେ। ଉପସଭାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଭିଡ୍ କଟକଣାକୁ ପାଳନ କରି ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ଦିନ ପରେ ଏଭଳି ଏକ ଉତ୍ସବକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ଦେଖିବାକୁ ମିଳିଛି।

# ହୀରାଖଣ୍ଡ ଏକ୍ସପ୍ରେସ୍ ଚଳାଚଳ ନେଇ ପତ୍ର ଲେଖିଲେ ବିଧାୟକ

ଜୟପୁର, ୧୪।୨(ନି.ପ୍ର.)

ଦୀର୍ଘ ୧୦ ମାସ ହେବ କରୋନା ମହାମାରୀ ଯୋଗୁ ଯାତ୍ରୀବାହୀ ଟ୍ରେନ୍ ହୀରାଖଣ୍ଡ ଏକ୍ସପ୍ରେସ୍ ଚଳାଚଳ ବନ୍ଦ ରହିଛି। ଏବେ ପରିସ୍ଥିତି ସୁଧୁରି ଯାଇଥିବାରୁ ଏହି ଟ୍ରେନ୍‌କୁ ପୁନଃ ଚଳାଚଳ ପାଇଁ ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି ଭୁବନେଶ୍ୱରସ୍ଥିତ ଇଷ୍ଟକୋଷ୍ଟ ମୁଖ୍ୟ ଅପରେଟିଂ ମ୍ୟାନେଜରଙ୍କୁ ପତ୍ର ଲେଖିଛନ୍ତି। ଏହି ଟ୍ରେନ୍ ଉପରେ କୋରାପୁଟ ଜିଲାର ଅନେକ ପରିବାରଙ୍କ ଜୀବିକା ନିର୍ଭର କରେ। କରୋନା ସେମାନଙ୍କ ଏହି ଜୀବିକା ଛଡାଇ ନେଇଛି। ଦୀର୍ଘଦିନ ଧରି ଏହି ଟ୍ରେନ୍ ଚଳାଚଳ ବନ୍ଦ ଥିବାରୁ ଜୀବିକା ହରାଇ ସେମାନେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଯାତ୍ରୀମାନେ ମଧ୍ୟ ଯାତାୟାତ ପାଇଁ ଅସୁବିଧା ଭୋଗୁଛନ୍ତି। କରୋନା ପାଇଁ ଜଗଦଲପୁର ଠାରୁ ଭୁବନେଶ୍ୱର ଚଳାଚଳ କରୁଥିବା ହୀରାଖଣ୍ଡ ଏକ୍ସପ୍ରେସ୍ ବନ୍ଦ ରହିଛି। ସମୟକ୍ରମେ ପରିସ୍ଥିତିରେ ଉନ୍ନତି ହେଉଥିବା ଏବଂ ଦେଶର ବିଭିନ୍ନ ସ୍ଥାନକୁ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିବାରୁ ଏହାକୁ ବିଚାରକୁ ନେଇ ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ କରିବାକୁ ବାହିନୀପତି ପତ୍ରରେ ଉଲ୍ଲେଖ କରିଛନ୍ତି।

# ମାତୃପିତୃ ପୂଜନ ଭାରତୀୟ ସଂସ୍କୃତିର ମୂଳ ଆଧାର

ଉମରକୋଟ,୧୪।୨(ସ୍ୱ.ପ୍ର.)–

ଉମରକୋଟ ଶିକ୍ଷକ ସମାଜ ତରଫରୁ ରବିବାର ସ୍ଥାନୀୟ କଳା ବିକାଶ କେନ୍ଦ୍ରରେ ମାତୃ ପିତୃ ଦିବସ ପାଳିତ ହୋଇଯାଇଛି। ଏଥିରେ ମାନ୍ୟବର ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ନିତ୍ୟାନନ୍ଦ ଗଣ୍ଡ ମାତୃ ପିତୃ ପୂଜନକୁ ଭାରତୀୟ ସଂସ୍କୃତିର ମୂଳ ଆଧାର ବୋଲି କହିଥିଲେ। ତେଣୁ ଆଜିର ଦିବସକୁ ସମସ୍ତେ ଯେପରି ମାତୃ ପିତୃ ଦିବସ ରୂପେ ପାଳନ କରିବେ ସେ ବିଷୟରେ ସମସ୍ତେ ଧ୍ୟାନ ଦେବା ଜରୁରୀ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥିଭାବେ ଉମରକୋଟ ଉପଖଣ୍ଡ ଅଧିକାରୀ ହେମନ୍ତ କୁମାର ପାଢ଼ୀ, ବିଇଓ ବିକାଶ ଚନ୍ଦ୍ର ସରକାର ଉପସ୍ଥିତ ଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦିଲୀପ କୁମାର ପଟ୍ଟନାୟକ ବୈଠକରେ ସଭାପତିତ୍ୱ କରିଥିଲେ। ହିମାଂଶୁ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ସମ୍ମାନୀତ ଅତିଥି ରୂପେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ସୁମନ୍ତ କୁମାର ରାଉଳ, ଅଶୋକ କୁମାର ସାହୁ, ମୁଖ୍ୟବକ୍ତା ଏବିଇଓ ରମେଶ ରାଏ ଯୋଗ ଦେଇଥିଲେ। ଶିକ୍ଷକ ଟୁଟୁବାବୁ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ରମେଶ ରାଏ ଏହି ଦିବସ ପାଳନର ଲକ୍ଷ୍ୟ, ଉଦ୍ଦେଶ୍ୟ ବିଷୟରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବେଶ୍ୱର ମଲିକ, ସ୍ୱାଗତିକା ସାହୁ, ଆରତୀ ସରକାର, ଗଣେଶ ପ୍ରସାଦ ରଣା, ରଞ୍ଜନ ଗୌଡ଼, ନରେଶ ଚନ୍ଦ୍ର ପଟ୍ଟନାୟକ, ଅଶୋକ କୁମାର ରଣା, ରାଧାରାଣୀ ସରକାର, ପଦ୍ମାଳୟ ରଣା, କିଷାନ କୁମାର ମହାନ୍ତି, ସତ୍ୟେନ୍ଦ୍ର ରାଉତ, ରାଜେଶ ଜି. ହୃଷିକେଶ ସାହୁ, ଶୁଭଙ୍କର ମାଝି, ଚୌବନ ସାହୁ, ଜେକ୍ସନ ଦୁର୍ଗା ପ୍ରମୁଖ ଉପସ୍ଥିତ ରହି ଏହି ଦିବସ ଉପରେ ନିଜ ମତ ରଖିଥିଲେ। ବାବୁରାମ ପାତ୍ର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବାବେଳେ ହରିଦାସ ହୀରା ଧନ୍ୟବାଦ ଦେଇଥିଲେ।

# ସଡ଼କ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା

ଏମଭି-୭୯,୧୪।୨(ଡି.ଏନ.ଏ.)

ସଡ଼କ ସୁରକ୍ଷା ସପ୍ତାହ ମାସ ପାଳନ ଅବସରରେ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ଶନିବାର ଏମଭି-୭୯ ଅଞ୍ଚଳରେରେ ସଡ଼କ ସୁରକ୍ଷା ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାପ୍ତାହିକ ହାଟକୁ ଆସିଥିବା ସମସ୍ତ ବାଇକ୍ ଆରୋହୀ ତଥା ୪ଚକିଆ ଗାଡ଼ିଚାଳକଙ୍କୁ ଯୁବକ ସଂଘ ସଦସ୍ୟମାନେ ସଚେତନ କରିଛନ୍ତି। ଯେଉଁମାନେ ସଚେତନ ହୋଇ ହେଲମେଟ ପିନ୍ଧିବା ସହ ୪ଚକିଆ ଗାଡିଚାଳକ ସିଟ୍ ବେଲ୍ଟ ବାନ୍ଧିଛନ୍ତି ସେମାନଙ୍କ ସହ ହାତ ମିଳାଇ କରତାଳି ଦେଇ ଶୁଭେଚ୍ଛା ଜଣାଇଥିଲେ। ସଦସ୍ୟମାନେ ସଚେତନତା ବାର୍ତ୍ତା ଲିଖିତ ପୋଷ୍ଟର ଧରି ଲୋକଙ୍କୁ ସଚେତନ କରିଥିଲେ। ସଂଘ ଉପଦେଷ୍ଟା ଡା. ପ୍ରଶାନ୍ତ କୁମାର ପାଢୀ, ସଭାପତି ଜିତେନ୍ଦ୍ର ଷଡଙ୍ଗୀ, ଅଧ୍ୟାପକ ଦୁଷ୍ମନ୍ତ କୁମାର ଦାସ, ସାଧାରଣ ସମ୍ପାଦକ ପ୍ରହ୍ଲାଦ ଦାସ, କୋଷାଧ୍ୟକ୍ଷ ରିଜି ବାରିକ, ସଦସ୍ୟ ଚିରଞ୍ଜିତ ବାଲା, ଅଜିତ ବର୍ମନ, ସଞ୍ଜୀବ ହାଲଦାର, ରାକେଶ ମଣ୍ଡଳ, ସତ୍ୟଜିତ ରାୟଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।




ଯୁବକ ସଂଘ ସଦସ୍ୟମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

### ଘାଟିରେ ଓଲଟିଲା ଅଟୋ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ

ଟିକିରି,୧୪।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦୁଦୁକାବାହାଲ ପଞ୍ଚାୟତ କାଳିଆପଡ଼ା ଘାଟି ରାସ୍ତାରେ ଏକ ଯାତ୍ରୀବାହି ଅଟୋ ଓଲଟି ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଅଟୋଟି ଟିକିରି ଅଞ୍ଚଳରୁ ଯାତ୍ରୀ ନେଇ ଯିବା ସମୟରେ ଘାଟି ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟିପଡ଼ିଥିଲା। ଯାତ୍ରୀମାନେ ଆହତ ଅବସ୍ଥାରେ ପଡ଼ିରହିଥିବାବେଳେ ସେହି ରାସ୍ତାରେ ଯାଉଥିବା କେତେଜଣ ଗଣମାଧ୍ୟମ ପ୍ରତିନିଧି ଏହା ଦେଖି ଅଟୋଟିକୁ ଉଠାଇବା ସହ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଫଳରେ ଯାତ୍ରୀମାନଙ୍କ ଜୀବନ ବଞ୍ଚିଯାଇଥିଲା। ତେବେ ଏହାର ସୁଯୋଗ ନେଇ ଅଟୋ ଚାଳକ ସେଠାରୁ ଫେରାର ହୋଇଥିଲେ। ଆହତଙ୍କୁ ଉଦ୍ଧାର କରାଯାଇ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଖବର ପାଇ ଟିକିରି ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ଅର୍ଥାଭାବ ଯୋଗୁ କଟକ ମନା

ଏମଭି ୭୯,୧୪।୨(ଡି.ଏନ.ଏ.)

ମାଲକାନଗିରି କାଲିମେଲା ବ୍ଲକ ଲୁଗଲ ପଞ୍ଚାୟତ ଅନ୍ତର୍ଗତ ଏମପିଭି-୮୨ ଗ୍ରାମର ଭୋଳାନାଥ ଢାଲି ( ୩୫ ) ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁନାହାନ୍ତି। ଗତ ଦୁଇ ମାସ ଧରି ସେ କିଡ଼ନୀ ରୋଗରେ ପୀଡିତ ଅଛନ୍ତି। ଆନ୍ଧ୍ର ସମେତ ବିଭିନ୍ନ ରାଜ୍ୟର ବିଭିନ୍ନ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ମଧ୍ୟ କୌଣସି ସୁଫଳ ପାଇନାହାନ୍ତି। ଗତ କିଛି ଦିନ ଧରି ସେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେଠାରେ ଡାଇଲସିସ ହେବା ପରେ ଅଧିକ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ଯିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ତେବେ କଟକ ମେଡିକାଲ ଯାଇ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଅର୍ଥ ନ ଥିବାରୁ ଭୋଳାନାଥ ନୀରବ ରହିଛନ୍ତି। କୌଣସି ସମାଜିକ କର୍ମୀ କିମ୍ବା ପ୍ରଶାସନ ଭୋଳାନାଥଙ୍କ ପରିବାରକୁ ସହଯୋଗ କରିବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସମାଜିକ କର୍ମୀ ବିନୋଦ ଟାଓାରି ଜାଣିବା ପରେ ଗୁରୁବାର ଭୋଳାନାଥଙ୍କ ଘରେ ପହଞ୍ଚି ସହାୟତା ସ୍ୱରୂପ ୫ହଜାର ଟଙ୍କା, ୨୫ କେଜି ଚାଉଳ, ୫ କେଜି ଡାଲି ଦେଇଛନ୍ତି। ଆଗାମୀ ଦିନରେ ଚିକିତ୍ସା ପାଇଁ ଆର୍ଥିକ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ପରିବାର ଲୋକଙ୍କ ସହ ଆଲୋଚନା କରୁଛନ୍ତି ବିନୋଦ।

### ରାଧାକୃଷ୍ଣ ମନ୍ଦିର ନିର୍ମାଣ ନେଇ ବୈଠକ

କୋରାପୁଟ ,୧୪।୨ (ସ୍ୱ.ପ୍ର.)

କୋରାପୁଟ ବ୍ଲକର ଗୌଡଗୁଡାଠାରେ ରାଧାକୃଷ୍ଣ ମନ୍ଦିର ନିର୍ମାଣ ନେଇ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୯ ତାରିଖ ପବିତ୍ର ମାଘ ସପ୍ତମୀ ଦିନ ବିଲାପୁଟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଂପାଦକ ଲିଳିତ ମୋହନ ପଟ୍ଟନାୟକଙ୍କ ଦ୍ୱାରା ରାଧାକୃଷ୍ଣ ମନ୍ଦିର ନିର୍ମାଣ ଲାଗି ଗୌଡଗୁଡାଠାରେ ଭୂମି ପୂଜନ କାର୍ଯ୍ୟ ହେବ। ବୈଠକରେ ଗ୍ରାମର ସୁନା ଗୌଡ, ଡମ୍ବରୁ ଗୌଡ, ରବି ଗୌଡ, ପାର୍ବତୀ ଗୌଡ, କୃଷ୍ଣଚନ୍ଦ୍ର ମହାପାତ୍ର, ଆନନ୍ଦ ମହାରଣା, ଦେବଦତ୍ତ ମହାପାତ୍ର, ସତ୍ୟ ନାରାୟଣ ରାଜଗୁରୁ, ତ୍ରିଲୋଚନ ସାହୁଙ୍କ ସମେତ ମାନବାର ଓ ମାଳିଗୁଡାର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପୁଲଓ୍ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତା, ଯବାନ, ପୋଲିସ ଓ ଅନ୍ୟମାନେ।

ରାୟଗଡ଼ା ଅଫିସ,୧୪।୨

ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ୨ବର୍ଷ ପୂର୍ତ୍ତି ଅବସରରେ ରାୟଗଡ଼ାଠାରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ନଗର ଭାଜପା ପକ୍ଷରୁ ସଭାପତି ଶ୍ୟାମ କୁମାର ଦାଶଙ୍କ ନେତୃତ୍ୱରେ ନେତା ଓ କର୍ମୀ ସ୍ଥାନୀୟ ଗାନ୍ଧୀ ପାର୍କ ନିକଟରେ ଉପସ୍ଥିତ ରହି ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଆର୍‌ପିଏଫ୍ ଯବାନ, ପୋଲିସ ଏସ୍‌ଡିପିଓ ଏବଂ କର୍ମଚାରୀ, ବନବିଭାଗ କର୍ମଚାରୀ, ଅଗ୍ନିଶମ ବିଭାଗ କର୍ମଚାରୀ ଯୋଗ ଦେଇଥିଲେ। ସେହିପରି ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ, ଭାଜପା ରାଷ୍ଟ୍ରୀୟ ଜନଜାତି ମୋର୍ଚ୍ଚାର ସାଧାରଣ ସମ୍ପାଦକ କାଳୀରାମ ମାଝି, ଜିଲା ସାଧାରଣ ସମ୍ପାଦକ କିଶୋର ପଣ୍ଡା, ଜିଲା ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ବିଦ୍ୟାଭୂଷଣ ପଣ୍ଡା, ପ୍ରଶାନ୍ତ ପଟ୍ଟନାୟକ, ଅଜୟ ଶର୍ମା, ମଞ୍ଜୁଳା ମିନିଆକା, ଝରଣା ମହାନ୍ତି, ଗୋପାଳ ପାଢ଼ୀ, ଏମ୍. ବିଦ୍ୟା ସାଗର, ବୁରୁଡି ଲକ୍ଷ୍ମୀ, ସୋନୁ ବର୍ମା, ତାନବି ଅଗ୍ରୱାଲ, ଅଜୟ କୁମାର, ସନ୍ତୋଷ ସାହୁ, ରଞ୍ଜିତ ବିଷୋୟୀ, ପି. ମୁରଲୀ, ଜଗଦୀଶ ରାଓ(ସୁନାରି) ପ୍ରମୁଖ ଉପସ୍ଥିତ ଥିଲେ।

# ସଂଯୁକ୍ତ କିଷାନ ମୋର୍ଚ୍ଚାର କ୍ୟାଣ୍ଡେଲ ଶୋଭାଯାତ୍ରା

ଜୟପୁର, ୧୪।୨ (ନି.ପ୍ର.)

କୃଷକ ଆଇନ ବିରୋଧୀ କୃଷି ଆଇନ ବାତିଲ ଦାବିରେ ଦିଲ୍ଲୀ ଚାଲ, କୃଷକ ଆନ୍ଦୋଳନର ଶହୀଦ କିଷାନ ଏବଂ ପୁଲଓାମା ଆତଙ୍କବାଦୀ ଆକ୍ରମଣର ଶହୀଦ ଯବାନଙ୍କ ସ୍ମୃତିରେ ଦେଶ ବ୍ୟାପୀ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହାର ପ୍ରଭାବ ମଧ ଜୟପୁରରେ ଦେଖାଯାଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚା କୋରାପୁଟ ଶାଖା ପକ୍ଷରୁ ଜୟପୁର ମୁଖ୍ୟ ଟ୍ରାଫିକ ଛକଠାରୁ ରଥ ପଡିଆଯାଏ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଛି। ଜୟ ଯବାନ, ଜୟ କିଷାନ ଧ୍ୱନିରେ ସହର ମୁଖରିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତିଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।




ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ବାହାରିଥିବା ମଶାଲ ଶୋଭାଯାତ୍ରା।

### ନଦୀରେ ବୁଡ଼ି ଜଣେ ମୃତ

ଟିକିରି,୧୪।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କୁଚେଇପଦର ନିକଟ ନଦୀରେ ବୁଡ଼ି ରବିବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଜାମା ମାଝି(୫୨)। ଶନିବାର ସେ କୌଣସି କାମରେ ନଦୀ ନିକଟକୁ ଯାଇଥିବାବେଳେ ବୁଡ଼ିଯାଇଥିବା ଜଣାପଡ଼ିଛି। ସକାଳେ ତାଙ୍କ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରାଯାଇଥିଲା। ତେବେ ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

# ମନ୍ଦିର ରାସ୍ତାରେ ପାଚେରି ନିର୍ମାଣକୁ ବିରୋଧ

ଡାବୁଗାଁ,୧୪।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ କୃଷି ଫାର୍ମର ସୁରକ୍ଷା ପାଚେରି ନିର୍ମାଣ ଯୋଗ ଠାକୁରାଣୀ ମନ୍ଦିର ଯିବା ରାସ୍ତା ବନ୍ଦ ହୋଇଯାଇଛି। ତେଣୁ ପାଚେରି ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏହାଦ୍ୱାରା ଗ୍ରାମବାସୀ ମନ୍ଦିର ଭିତରକୁ ପ୍ରବେଶ କରିପାରିବେ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ବିବାହ, ବ୍ରତ ଆଦି ଶୁଭ କାର୍ଯ୍ୟରେ ମନ୍ଦିରକୁ ଯାଇହେବ ନାହିଁ। ଆଗରୁ ଫାର୍ମ ଭିତର ଦେଇ ମନ୍ଦିରକୁ ଯିବାକୁ ପଡୁଥିଲା। ଫଳରେ ବିଘ୍ନେଶ୍ୱର ଯୁବକ ସଙ୍ଘ ଉଦ୍ୟମରେ ଫାର୍ମର ପୋଖରି ପାର୍ଶ୍ୱଦେଇ ଏକ ରାସ୍ତା କରାଯାଇଥିଲା। ଏହାଦ୍ୱାରା ଗ୍ରାମବାସୀ ନିରାପଦରେ ଯାତାୟାତ କରୁଥିଲେ। ଏବେ ପାଚେରି ନିର୍ମାଣ ଯୋଗୁ ପୁଣି ବାଧା ସୃଷ୍ଟି ହୋଇଛି। ଏ ନେଇ ଗ୍ରାମବାସୀ ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀଙ୍କ ସହ ଯୋଗାଯୋଗ କରି କୃଷି ଅଧିଦର୍ଶକ ଭୀମସେନ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ସମସ୍ୟାକୁ ଦୃଷ୍ଟିଦେଇ ମନ୍ଦିର ଯିବାକୁ ରାସ୍ତା ବାହାର କରିବା ନିମନ୍ତେ ଦଦାବି କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ଡାବୁଗାଁ ସରକାରୀ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ମହାନ୍ତି, ଆଇନଜୀବୀ ଦିବାନ ସିଂ, ରାଜା ମିଶ୍ର, ଏ. ଶିବ ପ୍ରସାଦ, ଟି. ଜୁଗୁନୁ, ଏମ୍. ରମେଶ, ସତ୍ୟ ରଞ୍ଜନ ପାତ୍ର, କୁନୁ ପାତ୍ର, ଦେବୀ ପ୍ରସାଦ ରଥଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସ୍କୁଲ, ହଷ୍ଟେଲ ପରିଚାଳନା ବ୍ୟବସ୍ଥାର ଅନୁଧ୍ୟାନ

ନବରଙ୍ଗପୁର,୧୪।୨(ବି.ପ୍ର.)

### ଜାତୀୟ ଜନଜାତି କମିଶନ ନିର୍ଦ୍ଦେଶକଙ୍କ ନବରଙ୍ଗପୁର ଗସ୍ତ

ଜାତୀୟ ଜନଜାତି କମିଶନର ନିର୍ଦ୍ଦେଶକ ଅଜିତ କୁମାର ସାହୁ ଶନିବାର ୪ଦିନିଆ ନବରଙ୍ଗପୁର ଜିଲା ଗ୍ରସ୍ତରେ ଆସିଛନ୍ତି। ରବିବାର ଦ୍ୱିତୀୟ ଦିନରେ ବିଭିନ୍ନ ଏସ୍‌ଟି, ଏସ୍‌ସି ସ୍କୁଲ, ହଷ୍ଟେଲ ପରିଦର୍ଶନ କରି ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ସକାଳେ ନବରଙ୍ଗପୁର ବ୍ଲକ୍ ଅଧୀନ ଟିଙ୍ଗିଆମ୍ବଗୁଡ଼ାସ୍ଥିତ ଆଦିବାସୀ ଜାତି ଓ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ହଷ୍ଟେଲ ଯାଇ ଶିକ୍ଷକ ଓ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ସାକ୍ଷାତ କରି ହଷ୍ଟେଲ ପରିଚାଳନା ବିଷୟରେ ପଚାରି ବୁଝିଥିଲେ। ସେଠାରେ ଥିବା ରୋଷେଇ ଗୃହକୁ ଯାଇ ବୁଲି ଦେଖି ଖୁସି ପ୍ରକାଶ କରିଥିଲେ। ତେବେ ଛାତ୍ରଛାତ୍ରୀଙ୍କ ଖଟ ସଫାସୁତରା ନ ଥିବାରୁ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ତାଗିଦ୍ କରିଥିଲେ। ସେହିପରି ହଷ୍ଟେଲର ପାଚେରି ନ ଥିବାରୁ ସେଠାକୁ ଭାଲୁ ଆସୁଥିବା ଜାଣିବା ପରେ ତୁରନ୍ତ ପାଚେରି ନିର୍ମାଣ ନିମନ୍ତେ ସରକାରଙ୍କୁ ଚିଠି ଲେଖିବେ ବୋଲି କହିଥିଲେ। ଏହାପରେ ସେ ବଡ଼ମସିଗାସ୍ଥିତ ଏସ୍‌ଏସ୍‌ଡି ହାଇସ୍କୁଲରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହ ଆଲୋଚନା କରିବା ପରେ ଡାବୁଗାଁସ୍ଥିତ ଦକ୍ଷତା ବିକାଶ କେନ୍ଦ୍ରକୁ ଯାଇ ତାଲିମ ଦେଉଥିବା ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ସୋମବାର ନିର୍ଦ୍ଦେଶକ ଝରିଗାଁ ଓ ଚନ୍ଦାହାଣ୍ଡି ଗ୍ରସ୍ତ କରିବେ ବୋଲି ସୂଚନା ମିଳିଛି। ୧୭ରେ ସେ ଗସ୍ତ ସାରି ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି।



ଜାତୀୟ ଜନଜାତି କମିଶନ ନିର୍ଦ୍ଦେଶକ ଏକ ହଷ୍ଟେଲ ପରିସର ବୁଲି ଦେଖୁଛନ୍ତି।

# ନିର୍ମାଣର ୬ମାସରେ ନଷ୍ଟ ହେଉଛି ରାସ୍ତା

ରାଇଘର,୧୪।୨(ଡି.ଏନ୍.ଏ.)–

### ତଦନ୍ତ ଦାବି କଲେ ଗ୍ରାମବାସୀ



ଗ୍ରାମାଞ୍ଚଳର ରାସ୍ତାଗୁଡ଼ିକର ଉନ୍ନତୀକରଣ ନିମନ୍ତେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ)ରେ ଅନେକ ଟଙ୍କା ବ୍ୟୟ ହେଉଛି। ହେଲେ ନିମ୍ନମାନର କାମ ଏବଂ ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବରୁ ଅଳ୍ପ ଦିନରେ ରାସ୍ତା ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ନିର୍ମାଣର ୬ମାସ ମଧ୍ୟରେ ପିଚୁ ଉଠିବା ସହ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଉଛି; ଯଦ୍ୱାରା ଯାତାୟାତରେ ସମସ୍ୟା ହେବା ସହ ଦୁର୍ଘଟଣା ବୃଦ୍ଧିପାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ଜଲାଙ୍ଗପାରା ପଞ୍ଚାୟତର ପିପୁଲଡିହି ଠାରୁ ଗୁଡ଼ିପାରା ପର୍ଯ୍ୟନ୍ତ ରାସ୍ତାର ସମାନ ଅବସ୍ଥା ଦେଖିବାକୁ ମିଳିଛି।

ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପିଏମ୍‌ଜିଏସ୍‌ୱାଇରେ ସାମିଲ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ସୂଚନା ଫଳକର ତଥ୍ୟ ଅନୁଯାୟୀ ୩.୧୮୦ କି.ମି. ରାସ୍ତା ନିମନ୍ତେ ୯୦.୨୩ ଲକ୍ଷ ଟଙ୍କା ବ୍ୟୟ ବରାଦ କରଯାଇଛି। ୨୦୧୮ ମେ ୧୮ରୁ କାର୍ଯ୍ୟ ଆରମ୍ଭ ହୋଇ ୨୦୧୯ ଫେବୃୟାରୀ ୨ରେ କାମ ସରିଥିଲା। ୬୦ ପ୍ରତିଶତ ଅର୍ଥ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଭାରତ ସରକାରଙ୍କ ଏବଂ ୪୦ ପ୍ରତିଶତ ଅର୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ବ୍ୟୟ ହୋଇ କାମ ହୋଇଥିବା ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ସୂଚନା ଫଳରେ ରହିଥିବା ଉଲ୍ଲେଖ ତଥ୍ୟ ମଧ ଭୁଲ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା କାମ ଶେଷହୋଇ ମାତ୍ର ୬ମାସ ହୋଇଥିବାବେଳେ ରାସ୍ତାରୁ ପିଚୁ ଉଠିବା ସହ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇ ଅଞ୍ଚଳବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାର ବିକାଶ ନିମନ୍ତେ ଯୋଜନା କରୁଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବରୁ ଏହାର ସୁଫଳ ଜନସାଧାରଣ ପାଉନାହାନ୍ତି। ଗ୍ରାମାଞ୍ଚଳର ଦୁର୍ଗମ ଅଞ୍ଚଳରେ ସରକାରୀ ଯୋଜନା ଠିକ୍‌ଭାବେ କାର୍ଯ୍ୟକାରୀତା ନେଇ ଗୁରୁତ୍ୱ ଦିଆଯାଉ ନ ଥିବା ଏବଂ ସରକାରୀ ଅର୍ଥକୁ ବାଟମାରଣା କରାଯାଉଥିବା ଗ୍ରାମର ଶୁକଦେବ ଗଣ୍ଡ, ବାଲ୍‌ଚାନ୍ଦ ଗଣ୍ଡ, ଶୁକ ଦାସ, ଗଣ୍ଡ ନିଲ, ଦାସ ଗଣ୍ଡ, ତୀର ଗଣ୍ଡ ପ୍ରମୁଖ ଅଭିଯୋଗ କରିଛନ୍ତି। ରାସ୍ତା ଖରାପ ହେବା ପରଠାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜିଲା ପ୍ରଶାସନ ପକ୍ଷରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେ ରାସ୍ତା ଖରାପ ଘଟଣାକୁ ସ୍ୱୀକାର କରିଛନ୍ତି। ଏଥିସହ ଘଟଣାସ୍ଥଳରେ ଯାଇ ତଦାରଖ କରିବା ସହ ଗ୍ରାମବାସୀଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯିବ ବୋଲି କହିବା ସହ ସମ୍ପୃକ୍ତ ଠିକାଦାରଙ୍କୁ ରାସ୍ତା ମରାମତି ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

## ସଂକ୍ଷେପରେ

### ଦୁଷ୍ମନ୍ତ ହତ୍ୟା ମାମଲା, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୧୪।୨(ଡି.ଏନ୍.ଏ.)**- ପାନ ଦୋକାନୀ ଦୁଷ୍ମନ୍ତ ହତ୍ୟା ମାମଲାରେ କୁକୁଡ଼ାଖଣ୍ଡି ବ୍ଲକ ନୂଆ ଅନନ୍ତେଇ ଗ୍ରାମର ଜିତୁ ଗୌଡ଼ଙ୍କୁ ଗତ ଶୁକ୍ରବାର ଦିଗପହଣ୍ଡି ପୋଲିସ କୋର୍ଟ ଚାଲାଣ କରିଛନ୍ତି। ମାମଲା ନଂ. ୨୬/୨୧ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ଗତ ୩୧ ତାରିଖ ରାତିରେ ସିଗାରେଟ ଓ ପାଣି ପାଉଚ ବାକିରେ ମାଗିବାକୁ କେନ୍ଦ୍ରକରି ପାନ ଦୋକାନୀ ଦୁଷ୍ମନ୍ତଙ୍କୁ କେତେଜଣ ଯୁବକ ଲୁହାଛଡ଼ରେ ମାଡ଼ ମାରିବା ସହ ପଥରରେ ଛେଚି ହତ୍ୟା କରିଥିଲେ। ଘଟଣାର ପରଦିନ ସାଇଣ୍ଟିଫିକ ଟିମ ପହଞ୍ଚି ସବିଶେଷ ତଦନ୍ତ କରି ଫେରିଥିଲେ। ଅଭିଯୁକ୍ତମାନଙ୍କ ନିକଟରୁ ପୋଲିସ ୨ଟି ଖଣ୍ଡା, ୩ଟି ଲୁହା ଛଡ଼ ସମେତ ୧୫ରୁ ଉର୍ଦ୍ଧ୍ୱ ପଥର ଜବତ କରିଥିଲା। ପୂର୍ବରୁ ଏହି ମାମଲାରେ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଆଖୁଚାଷୀ ସଂଘର ବୈଠକ

**ଆସିକା,୧୪।୨(ଡି.ଏନ୍.ଏ.)**- ଗଞ୍ଜାମ ଜିଲା ଆଖୁଚାଷୀ ସଂଘର କାର୍ଯ୍ୟକାରୀ ବୈଠକ ରବିବାର ଚିନିଶିଳ୍ପ ବିଶ୍ରାମ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସମୀର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷର ଆଖୁ ପରିବହନ ଲାଗି ବୃଦ୍ଧି ପାଇଥିବା ପରିବହନ ଖର୍ଚ୍ଚକୁ ସଂଘର ଦାବି ମୁତାବକ କାରଖାନା ବହନ କରିବ ବୋଲି ସମ୍ପ୍ରତି ପ୍ରକାଶ କରିଥିବାରୁ ଚାଷୀ କଟିଂ ଅର୍ଡର ନେଇ କାରଖାନାକୁ ଆଖୁ ଯୋଗାଇବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଆଖୁ ଲୋଡ଼ିଂ ଲାଗି ବର୍ଦ୍ଧିତ ଶ୍ରମିକ ମଜୁରୀ ମଧ କାରଖାନା କର୍ତ୍ତୃପକ୍ଷ ବହନ କରିବା ଲାଗି ଗୃହୀତ ପ୍ରସ୍ତାବ ମୁତାବକ ଅନୁରୋଧ କରାଯାଇଥିଲା।

### ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ

**ବୁଗୁଡ଼ା,୧୪।୨(ଡି.ଏନ.ଏ.)**-ବୁଗୁଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ରବିବାର ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ରଞ୍ଜିତା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବ୍ଲକ ଅନ୍ତର୍ଗତ ଖରିଡ଼ା, କୁଆନଳା, କରଚୁଲି, ପଙ୍କଲସାହି ଓ ସ୍ଥାନୀୟ ଏନ୍ଏସି କାଦପଡ଼ା ଅଙ୍ଗନୱାଡି କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ କରାଯାଇଛି। ସମ୍ପୃକ୍ତ କେନ୍ଦ୍ରର ଅଞ୍ଚଳ ପରିଦର୍ଶିକା ନଳିନୀ ମହାରଣା, ସୁକେଶିନୀ ରଥ, ତ୍ରିପୁର ମୋହିନୀ ଦାଶ, ସରସ୍ୱତୀ ତ୍ରିପାଠୀ ଓ ଅଙ୍ଗନୱାଡି କର୍ମୀଙ୍କ ଉପସ୍ଥିତିରେ ଶିଶୁକନ୍ୟା ଓ ମା'ମାନଙ୍କୁ ବନ୍ଦାପନା କରାଯିବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମା'ମାନଙ୍କର ବିଶେଷ ଯତ୍ନ ନେବା ଓ କନ୍ୟାଭ୍ରୂଣ ହତ୍ୟା ଏବଂ ବାଲ୍ୟ ବିବାହକୁ ବିରୋଧ କରିବା ପାଇଁ ସଚେତନ କରାଯାଇଥିଲା।

### ମଦ ଆଡ୍ଡାରେ ଚଢ଼ାଉ, ୧୨ ଗିରଫ

**ଭଞ୍ଜନଗର,୧୪।୨(ଡି.ଏନ.ଏ.)**- ଭଞ୍ଜନଗର ଅବକାରୀ ବିଭାଗ ପକ୍ଷରୁ ବିଗତ ୨ଦିନ ହେବ ଅଞ୍ଚଳର ବିଭିନ୍ନ ଚୋରା ଦେଶୀମଦ ଆଡ୍ଡା ଉପରେ ଚଢ଼ାଉ କରାଯାଇଛି। ଏନେଇ ୩ଜଣ ମହିଳାଙ୍କ ସମେତ ୧୨ଜଣଙ୍କୁ ଗିରଫ କରାଯାଇ ସେମାନଙ୍କ ଠାରୁ ବିପୁଳ ପରିମାଣର ଦେଶୀମଦ ଜବତ ସହ ପୋଚ ନଷ୍ଟ କରାଯାଇଛି। ଗୁଡ଼ିପଦର, ଡୁମାକୁମ୍ପା, ଜୟମଙ୍ଗଳ, କାଳିପଙ୍କା, ମୁଜାଗଡ଼, ବେଡ଼ିଗୋବା, ଭଞ୍ଜନଗର ସହର ନାହାତୋଟା ସାହି ଆଦିରେ ଚଢ଼ାଉ କରାଯାଇ ମଦ ବେପାରୀମାନଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

### ଶିକ୍ଷକ, ଅଭିଭାବକ ବୈଠକ

**ଗୋଷାଣି,୧୪।୨**- ଗଜପତି ଜିଲା ଗୋଷାଣୀ ବ୍ଲକ ଗାରାବନ୍ଧସ୍ଥିତ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଅଭିଭାବକ ଶିକ୍ଷକ ବୈଠକ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବି. ତିରୁମୁଲା ରାଓ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୬୩ ଜଣ ଅଭିଭାବକଙ୍କ ସହ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଶିକ୍ଷା ଦେବା ସହ ପରୀକ୍ଷା ପ୍ରସ୍ତୁତିର ପ୍ରାକ୍ ଯୋଜନା ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ରାଜ୍ୟସରକାରଙ୍କ ଦ୍ୱାରା ଯୋଗାଯାଇଥିବା ପରୀକ୍ଷା ଦର୍ପଣର ଲକ୍ଷ୍ୟ ଉଦ୍ଦେଶ୍ୟ ଓ ଉପଯୋଗିତା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

# ବନ୍ୟା ଦାଉରୁ ରକ୍ଷା ପାଇଁ ଯୋଜନା

**ଭଞ୍ଜନଗର,୧୪।୨ (ଡି.ଏନ.ଏ)**



ମନ୍ତ୍ରୀ ବିକ୍ରମ ଆରୁଖ ସମୀକ୍ଷା କରୁଛନ୍ତି।

- ଲୋହରାଖଣ୍ଡି ନଦୀ ଆଡ଼ିବନ୍ଧ ଉଚ୍ଚତା ବଢ଼ିବ
- ସମୀକ୍ଷା କଲେ ଜଙ୍ଗଲ ମନ୍ତ୍ରୀ

ଜନସଂଖ୍ୟା ବୃଦ୍ଧି ଯୋଗୁ ଚାଷଜମି ଘର ହୋଇଗଲାଣି। ତେଣୁ ଅଧିକାଂଶ ବର୍ଷା ପାଣି ନଦୀରେ ହିଁ ଯାଉଛି। ଫଳରେ ଲୋହରାଖଣ୍ଡି ନଦୀ ଆଡ଼ିବନ୍ଧ ଉଚ୍ଚତା କମ୍ ଯୋଗୁ ବାରମ୍ବାର ବନ୍ୟା ଆସୁଛି। ଏହାଦ୍ୱାରା ହଜାର ହଜାର ଲୋକ ପ୍ରଭାବିତ ହେଉଛନ୍ତି। ବିଶେଷକରି ଭଞ୍ଜନଗର ସହରବାସୀ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଡ଼ହ ଜଳଭଣ୍ଡାର ହେବା ପରଠୁ ଲୋହରାଖଣ୍ଡି ନଦୀର ଆଡ଼ିବନ୍ଧ ଉଚ୍ଚତା ବୃଦ୍ଧି କରାଯାଇନାହିଁ। ତେଣୁ ଆଗାମୀ ଦିନରେ ଲୋହରାଖଣ୍ଡି ନଦୀର ଉଭୟ ପାର୍ଶ୍ୱ ଆଡ଼ିବନ୍ଧ ଉଚ୍ଚତା ବଢ଼ାଇବାକୁ ଯୋଜନା ହୋଇଛି। ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ରବିବାର ଭଞ୍ଜନଗର ସହରର ନଦୀ ତଟବର୍ତ୍ତୀ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିଥିଲେ। ନଦୀରେ ମଇଳା ଜମି ରହିବା ଯୋଗୁ ବନ୍ୟାଜଳ ଠିକ୍ ଭାବେ ନିଷ୍କାସିତ ହୋଇପାରୁନାହିଁ। ସହରର ମଇଳା ପାଣି ନଦୀରେ ମିଶି ପ୍ରଦୂଷିତ ହେଉଛି। ଏହାକୁ ରୋକିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶଯେ ଡ଼ହ ଜଳଭଣ୍ଡାରରୁ ବାହାରିଥିବା ଲୋହରାଖଣ୍ଡି ନଦୀ ମାଧବାରିଡ଼ା ଆନିକଟରେ ପଡ଼ିଛି। ଜଳଭଣ୍ଡାର ହେବାପରଠୁ ଆଡ଼ିବନ୍ଧର ଉଚ୍ଚତା ବୃଦ୍ଧି କରାଯାଇ ନଥିବାରୁ ବଟବର୍ତ୍ତୀ ଭଞ୍ଜନଗର ସହର, ଗାମୁଣ୍ଡି, ଭାଲିଆଖାଇ, ଅଗଝୋଳ, ରାଜକୁଣ୍ଡୁ, ଧୁଆଁଛାଇ, ଡ଼େଙ୍ଗାପଦର, ବାଉଁଶଲୁଣ୍ଡି, ଲାଲସିଂ, ମନ୍ଦାର, ଗୁରାବାଡ଼ି, କୁଶପଲ୍ଲୀ ପ୍ରମୁଖ ଅଞ୍ଚଳରେ ବନ୍ୟା ହେଉଛି। ଏହାର ମୁକାବିଲା ପାଇଁ ରାଜକୁଣ୍ଡୁଠାରୁ ମନ୍ଦାର ପର୍ଯ୍ୟନ୍ତ ନଦୀର ବାମପାର୍ଶ୍ୱ ଆଡ଼ିବନ୍ଧ ଓ ଗୁରାବାଡ଼ିଠାରୁ କୁଶପଲ୍ଲୀ ପର୍ଯ୍ୟନ୍ତ ଡ଼ାହାଣପାର୍ଶ୍ୱ ଆଡ଼ିବନ୍ଧ ଉଚ୍ଚତା ବୃଦ୍ଧି କରାଯିବ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଯନ୍ତ୍ରୀ ମୁଖ୍ୟ (ଇଆଇସି) ଜ୍ୟୋତିର୍ମୟ ରଥ, ଋଷିକୂଲ୍ୟା ଅବବାହିକାର ମୁଖ୍ୟଯନ୍ତ୍ରୀ ବିଜୟ ମିଶ୍ର, ଅଧୀକ୍ଷଣଯନ୍ତ୍ରୀ ଅକ୍ଷୟ କୁମାର ଦାସ, ବିଭୁଦତ୍ତ ପଣ୍ଡା, ନିର୍ବାହୀଯନ୍ତ୍ରୀ ଗୋକୁଳ ଚନ୍ଦ୍ର ପାଢ଼ୀ, ଭଞ୍ଜନଗର ସହକାରୀ ନିର୍ବାହୀଯନ୍ତ୍ରୀ ଜେ. ସୁମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନୃସିଂହାନନ୍ଦଙ୍କୁ ଶିଶୁ ଦରବାର ସାରସ୍ୱତ ସମ୍ମାନ

**ଫୁଲବାଣୀ ଅଫିସ, ୧୪।୨**

କବିତା ଏବଂ ସାହିତ୍ୟ ରଚନା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସାରସ୍ୱତ ସାଧକ ତଥା କନ୍ଧମାଳର ଶିକ୍ଷାବିତ ନୃସିଂହାନନ୍ଦ ମହାପାତ୍ରଙ୍କୁ ଶିଶୁ ଦରବାର ସାରସ୍ୱତ ସମ୍ମାନ ମିଳିଛି । ପୁରୀ ଜିଲା ପିପିଲି ସୁହାଗପୁର, ମଙ୍ଗଳପୁରଠାରେ ଶିଶୁ ଦରବାର ଓ ଗୁରୁ–ଶିଷ୍ୟ ପାଠାଗାର ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କବି–ଲେଖକ–କଳାକାର ସମ୍ମିଳନୀରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ସାହୁ, ଉପସଭାପତି ଉପେନ୍ଦ୍ର କୁମାର ମହାପାତ୍ର, ସମ୍ପାଦକ ଡ. ଶରତ କୁମାର ଚଉଁରୀ, ସହସମ୍ପାଦକ ଈଶ୍ୱର ଚନ୍ଦ୍ର ଚଉଁରୀ, ପ୍ରାକ୍ତନ ଅଧକ୍ଷ ଶଙ୍କର୍ଷଣ ପରିଡା, କବି ରତ୍ନାକର ବେହେରା, ପ୍ରଧାନଶିକ୍ଷକ ରାଜକିଶୋର ପାଣିଗ୍ରାହୀ, ଶିକ୍ଷୟିତ୍ରୀ ପବିତ୍ରା କୁମାରୀ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ଅର୍ଜୁନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହାପାତ୍ରଙ୍କୁ ମାନପତ୍ର ସହ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ସୂଚନାଯୋଗ୍ୟ, ମହାପାତ୍ର ଏବେ ସରକାରୀ ଆଇଟିଆଇରେ ସହ ତାଲିମପ୍ରାପ୍ତ ଅଧିକାରୀ ଭାବେ ଶିକ୍ଷକତା କରୁଛନ୍ତି। ତାଙ୍କ ଲେଖାଗୁଡ଼ିକ ପାଠକଙ୍କ ମହଲରେ ବେଶ ଆଦୃତ ହୋଇଛି । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଅନେକ ସମୟରେ ସମ୍ମାନିତ କରାଯାଇଛି।



ଅତିଥିଙ୍କ ଗହଣରେ ନୃସିଂହାନନ୍ଦ ମହାପାତ୍ର।

# ଧାନ ନେଉନି ମଣ୍ଡି, ରାସ୍ତାରେ ଚାଷୀ

**ପାରଳାଖେମୁଣ୍ଡି,୧୪।୨(ଡି.ଏନ୍.ଏ.)**

ଗୋଷାଣି ବ୍ଲକ ଆର୍. ସୀତାପୁର ଠାରେ ମଣ୍ଡି ଧାନ ନନେବାରୁ ପ୍ରତିବାଦରେ ଜିଲା ଭାଜପା କୃଷକମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପାଳଙ୍କ ନେତୃତ୍ୱରେ ଆର୍.ସୀତାପୁର ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖ ଜାତୀୟ ରାଜପଥକୁ ଶତାଧିକ ଚାଷୀ ରବିବାର ଅବରୋଧ କରିଛନ୍ତି। ଚାଷୀମାନେ ଅଭିଯୋଗ କରିଛନ୍ତି ସେମାନଙ୍କୁ ଟୋକନ୍ ମିଳିଛି, କିନ୍ତୁ ମଣ୍ଡି ଧାନ ଗ୍ରହଣ କରୁନାହିଁ। ଉକ୍ତ ମଣ୍ଡଳର ସମ୍ପାଦକ ମିଲର୍ ପାଖକୁ ଧାନ ଦେବାକୁ ପଠାଉଛନ୍ତି। ମାତ୍ର ମିଲର୍ ପାଖକୁ ଚାଷୀ ଗଲେ ଟାର୍ଗେଟ ସରି ଯାଇଥିବା କହି ଫେରାଇ ଦେଉଛନ୍ତି।



ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

ଧାନର ମାନ ଯାଞ୍ଚ ପାଇଁ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକଙ୍କୁ ଏକ ଯନ୍ତ୍ର ପ୍ରଦାନ କରାଯାଉଛି, କିନ୍ତୁ ସେ ସେଥିରେ ଯାଞ୍ଚ କରୁନାହାନ୍ତି।

ମିଲର୍ ହାତରେ ଦେଖି ଧାନର ମାନ ନିର୍ଦ୍ଧାରଣ କରୁଛି। ଏଥିମଧ୍ୟରେ ୧୫ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଟୋକନ୍ ଅବଧି ସରିଗଲାଣି ବୋଲି ସେମାନେ ଗଣମାଧ୍ୟମକୁ କହିଛନ୍ତି। ଗୁରାଣ୍ଡି ପୋଲିସ, ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତାନନ୍ଦ ଜାନୀ ଓ ସହକାରୀ ଉପଜିଲାପାଳ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିବାପରେ ରାସ୍ତାରୋକୋ ହଟିଥିଲା।

# ଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ

**ପାରଳାଖେମୁଣ୍ଡି,୧୪।୨ (ଡି.ଏନ୍.ଏ.)**

ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଶିବରାତ୍ରି ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାଶିବରାତ୍ରିରେ ମହେନ୍ଦ୍ରଗିରିଠାରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି କିପରି ଏହା ସୁରୁଖୁରୁରେ ହେବ ସେନେଇ ବୈଠକ ହୋଇଥିଲା। କେତେକ ସଦସ୍ୟ କରୋନା ପାଇଁ ଏହାକୁ ବନ୍ଦ ରଖିବାକୁ ମତ ଦେଇଥିବାବେଳେ ଅନ୍ୟ କେତେଜଣ କଟକଣା ମଧ୍ୟରେ କରିବାକୁ କହିଥିଲେ। କିନ୍ତୁ ସରକାରଙ୍କ ମାର୍ଚ୍ଚମାସ ଗାଇଡ୍‌ଲାଇନ ଆସିଲା ପରେ ଏନେଇ ନିଷ୍ପତ୍ତି ନିଆଯିବ ବୋଲି ସହମତି ପ୍ରକାଶ ପାଇଥିଲା। ବୈଠକରେ ଗତବର୍ଷର ଆୟବ୍ୟୟ ହିସାବ ସହ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଜିଲାପାଳ ଅନୁପମ ସାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍‌ପି ତାପନ କୁମାର ପଟ୍ଟନାୟକ, ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା, ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ନଳବଣ୍ଟାରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ଆସିକା,୧୪।୨ (ଡି.ଏନ୍.ଏ.)**

ଆସିକା ବ୍ଲକ ଅନ୍ତର୍ଗତ ନଳବଣ୍ଟା ଗ୍ରାମରେ ରବିବାର ବିଧାୟିକା ମଞ୍ଜୁଳା ସ୍ୱାଇଁ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଗ୍ରାମରେ କଲ୍ୟାଣମଣ୍ଡପ, ବଜାର ଗୃହ, ଠାକୁରାଣୀ କୋଠଘର, ହାଇସ୍କୁଲ ଏବଂ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୌଚାଳୟ ଉଦ୍‌ଘାଟିତ ହୋଇଛି। ନଳବଣ୍ଟା ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ସୁମିତ୍ରା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ମୁଖ୍ୟ ଅତିଥି ଓ ଆସିକା ବ୍ଲକ ଆମ୍ୱାର ଅଧକ୍ଷ ଭଗବାନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ପଟ୍ଟନାୟକ, ଅନୀଲ କୁମାର ନାୟକ, ଧନମାଳୀ ଶିୟ, ସଞ୍ଜୟ ଜେନା ଓ ସମିତିସଭ୍ୟା ରଶ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶହୀଦଙ୍କ ସ୍ମୃତିରେ ରକ୍ତଦାନ ଶିବିର



ଟିମ୍ ହ୍ୟୁମାନିଟି ସଦସ୍ୟମାନେ।

**ଫୁଲବାଣୀ ଅଫିସ, ୧୪।୨**

ପୁଲୱାମା ଶହୀଦ ଯବାନଙ୍କ ସ୍ମୃତିରେ ଫୁଲବାଣୀସ୍ଥିତ ରକ୍ତ ଭଣ୍ଡାରରେ ସ୍ୱେଚ୍ଛାସେବୀ ସଂଗଠନ ଟିମ୍ ହ୍ୟୁମାନିଟି ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏଥିରେ ସହରର ଯୁବତୀ, ଯୁବକ ଓ ବ୍ୟକ୍ତି ବିଶେଷ ରକ୍ତଦାନ କରିଥିଲେ। ମୋଟ ୧୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଫେବୃୟାରୀ ୧୪ ଭାଲେଣ୍ଟାଇନ ଡେ'ରେ ଟିମ୍ ହ୍ୟୁମାନିଟି ପକ୍ଷରୁ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତଦାନ ଶିବର ଆୟୋଜନ କରି ପାଳନ କରିବାକୁ ସଂକଳ୍ପ ନିଆଯାଇଥିବାରୁ ସାଧାରଣରେ ଏହାକୁ ପ୍ରଶଂସା କରାଯାଇଛି । ପ୍ରଥମେ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଟିମ୍ ହ୍ୟୁମାନିଟି ପକ୍ଷରୁ ସ୍ଥାନୀୟ ମାଦିକୁନ୍ଦା ଛକରୁ ଏକ ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା । କର୍ମକର୍ତ୍ତାମାନେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ପରେ ରକ୍ତଦାନ ଶିବିର ଆରମ୍ଭ ହୋଇଥିଲା।

# ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବଙ୍କ ବିଦ୍ୟାଳୟ ପରିଦର୍ଶନ

**ଗୋପାଳପୁର,୧୪।୨**

ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଶନିବାର ରଙ୍ଗେଇଲୁଣ୍ଡା ବ୍ଲକର ଦୁଇଟି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ଅଭିଭାବକ, ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା କରିଛନ୍ତି। ଅତିରିକ୍ତ ସଚିବ ରଘୁରାମ ଆରଆଇୟାର ପଞ୍ଚମାସ୍ଥିତ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ସେଠାରେ ୧୦୦ ଦିନିଆ ପାଠପଢ଼ା ଓ ପରୀକ୍ଷା ଦର୍ପଣ ସବୁ ଛାତ୍ରୀଛାତ୍ରଙ୍କୁ ମିଳିଛି କି ନାହିଁ ପଚାରି ବୁଝିଥିଲେ। ସେଠାରୁ ବାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାଇ ନ୍ୟୁଟ୍ରିଶନ ବଗିଚା ଦେଖି ପ୍ରଶଂସା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ ସହିତ ପାଠପଢ଼ା ନେଇ ଆଲୋଚନା କରିବା ସହ କୋଭିଡ କଟକଣାରେ କିଭଳି ଛାତ୍ରୀଛାତ୍ର ପଢୁଛନ୍ତି ତାହା ତଦାରଖ କରିଥିଲେ। ଏହି ସମୟରେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଡ.ପ୍ରଭାତୀ ମହାପାତ୍ର, ବାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର, ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ନ୍ୟୁଟ୍ରିଶନ ବଗିଚା ପରିଦର୍ଶନ କରୁଛନ୍ତି ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ।

# ନାଥେଶ୍ୱର କ୍ରିକେଟ: ନଳବଣ୍ଟା ବିଜୟୀ

**ଶେରଗଡ,୧୪।୨(ଡି.ଏନ୍.ଏ.)**

ଶେରଗଡ ବ୍ଲକ ଧନନ୍ତର ଗ୍ରାମରେ ଚାଲିଥିବା ନାଥେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚ୍ ନଳବଣ୍ଟା ଓ ଚେରମାରିଆ କ୍ରିକେଟ ଦଳ ମଧ୍ୟରେ ହୋଇଥିଲା। ଟସ୍ ଜିଣି ନଳବଣ୍ଟା ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୫୨ ରନ କରିଥିଲେ। ଜବାବରେ ଚେରମାରିଆ ୧୫ ଓଭରରେ ୧୧୪ରନ କରି ପରାଜିତ ହୋଇଥିଲା।

# ନାବାର୍ଡ ପକ୍ଷରୁ ପ୍ରଶିକ୍ଷଣ ଶିବିର

**ଦିଗପହଣ୍ଡି,୧୪।୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମ ରାଜୀବଗାନ୍ଧୀ ସେବାକେନ୍ଦ୍ର ପରିସରରେ ଗୁରୁବାର ନାବାର୍ଡ ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ନିମନ୍ତେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିସ୍ମୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ବିମଳ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ସ୍ଥାନୀୟ ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନାବାର୍ଡର ଗଞ୍ଜାମ ଜିଲା ଅଧିକାରୀ ସୁମନ ସୌରଭ ସାହୁ, ଦିଗପହଣ୍ଡି ବିସିସି ବ୍ୟାଙ୍କ ଶାଖା ପରିଚାଳକ ପ୍ରଶାନ୍ତ କୁମାର ସାହୁ, ବ୍ଲକ ଜୀବିକା ମିଶନ ଅଧିକାରୀ ଆଲୋକ ସାହୁ, ପ୍ରାଣୀ ଚିକିତ୍ସାଧିକାରୀ ଡା. ସନ୍ଧ୍ୟାରାଣୀ ସେଠୀ, ଦିଗପହଣ୍ଡି କୃଷି କାର୍ଯ୍ୟାଳୟ କର୍ମଚାରୀ ମନୋଜ ପାଢ଼ୀ ଓ ଦୀପ୍ତିରେଖା ବେହେରା, ବ୍ଲକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ନିଖିଳ ମହାରଣା ଶିବିରରେ ଉପସ୍ଥିତ ରହି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ କୁକୁଡ଼ା, ଗାଈ, ଛେଳି ଓ ମେଣ୍ଢା ପାଳନ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏଥିସହ ବଳରାମ ଯୋଜନାରେ କିପରି ଋଣ ପାଇପାରିବେ ସେ ସମ୍ପର୍କରେ କହିଥିଲେ। ଶିବିରରେ ୫୦ ଏସ୍‌ଏଚ୍‌ଜିର ସଦସ୍ୟା,କାର୍ଯ୍ୟକର୍ତ୍ତା ଓ ବହୁ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ।




ଶିବିରରେ ମଞ୍ଚାସୀନ ପଦାଧିକାରୀ।

# ଛତ୍ରପୁରରେ ହେବ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

## ଅନୁମତି ଦେଲା ଓଡ଼ିଶା ଫୁଟବଲ୍ ଆସୋସିଏଶନ

**ଛତ୍ରପୁର,୧୪।୨ (ଡି.ଏନ.ଏ.)**

ଗଞ୍ଜାମ ଜିଲା ଛତ୍ରପୁରଠାରେ ଆସନ୍ତା ମାର୍ଚ୍ଚ ମାସରେ ବିଜୁ ପଟ୍ଟନାୟକ ଜନ୍ମ ଶତବାର୍ଷିକୀ ଓଡ଼ିଶା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ହେବ। ଏହି ଟୁର୍ନାମେଣ୍ଟ ଆୟୋଜନ ପାଇଁ ଓଡ଼ିଶା ଫୁଟବଲ୍ ଆସୋସିଏଶନ ଅନୁମତି ଦେଇଛି। ଆସୋସିଏଶନର ସମ୍ପାଦକ ଆର୍ଶୀବାଦ ବେହେରାଙ୍କ ପକ୍ଷରୁ ଛତ୍ରପୁରସ୍ଥିତ ବିଜୁ ପଟ୍ଟନାୟକ ଜନ୍ମ ଶତବାର୍ଷିକୀ ଫୁଟବଲ୍ ଟୁର୍ନାମେଣ୍ଟର ସମ୍ପାଦକ ପ୍ରଦୀପ କୁମାର ଦାସଙ୍କ ନିକଟକୁ ଏ ସମ୍ପର୍କିତ ଚିଠି ଆସିଛି। ଟୁର୍ନାମେଣ୍ଟ ପ୍ରସ୍ତୁତି ନେଇ ରବିବାର ଛତ୍ରପୁରସ୍ଥିତ ସର୍କିଟ ହାଉସ ପରିସରରେ ଏକ ବୈଠକ ସମ୍ପାଦକ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆସୋସିଏଶନର ପ୍ରତିନିଧି ମନୋଜ କୁମାର ମଲ୍ଲିକ ଯୋଗଦେଇ ଟୁର୍ନାମେଣ୍ଟ ଆୟୋଜନ ଏବଂ ଏଥିପାଇଁ ଥିବା ନିୟମ ସମ୍ପର୍କରେ ଉପସ୍ଥିତ ସଭ୍ୟମାନଙ୍କୁ ଅବଗତ କରିଥିଲେ । ୩ ଦିନ ଧରି ହେବାକୁ ଥିବା ଟୁର୍ନାମେଣ୍ଟରେ ରାଜ୍ୟର ପ୍ରମୁଖ ୮ ଫୁଟବଲ୍ ଟିମ୍ ଅଂଶ ଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି। ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ଆୟୋଜନ ପାଇଁ ଅନୁମତି ଦେଇଥିବାରୁ ଓଡ଼ିଶା ଫୁଟବଲ୍ ଆସୋସିଏଶନକୁ ସ୍ଥାନୀୟ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଗୁରୁବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଏସ୍‌ପି ବ୍ରିଜେଶ କୁମାର ରଏଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ପ୍ରସ୍ତୁତି ବୈଠକରେ ସମ୍ପାଦକ ପ୍ରଦୀପ କୁମାର ଦାସ, ପ୍ରଫୁଲ୍ଲ ପଟ୍ଟନାୟକ, ଟି. ଚନ୍ଦ୍ରଶେଖର ରାଓ, ପୂର୍ଣ୍ଣଚନ୍ଦ୍ର ବେହେରା, ବି. ରାଜିବାବୁ, ନବୀନ ବେହେରା, ଏ. ରାବଣା ରାଓ, ନିମାଇଁ ପଣ୍ଡା, ଶ୍ରୀକାନ୍ତ ମହାନ୍ତି, ସରୋଜ ସାମଲ, ପ୍ରଶାନ୍ତ ମହାରଣା, ଅହିଭୂଷଣ ସାହୁ, ଏ. ଭେଙ୍କଟ ରାଓ ଦୋରା, କ୍ଷୀରୋଧ ଚନ୍ଦ୍ର ସାହୁ, ସନ୍ତୋଷ ସାହୁ , ସରପଞ୍ଚ ପୀତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଆଲୋଚନା ଚାଲିଛି ।

